

# କଟକ ସିଟି

## ଦୋଳ ମେଳଣରେ ସମ୍ବର୍ଦ୍ଧନା



**କଟକ,୨୩।୩(ସମିସ):** ଚାଉଳିଆଗଞ୍ଜ ତ୍ରୟୋଦଶ ଦୋଳ ମେଳଣ ମହାସମାରୋହରେ ପାଳିତ ହୋଇଯାଇଛି। ପୂଜା କମିଟି ପକ୍ଷରୁ ୨୨ଦିଗ ଭାଗ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ, କାର୍ଯ୍ୟକାରୀ ସର୍ବାଧିକାରୀ, ସର୍ବ କଟୁଆଳ, ସମସ୍ତ ସଭ୍ୟ, ଦିଗ ଭାଗ ଅଧିକାରୀ, ମହନ୍ତ, କଟୁଆଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂଜା କମିଟିର ସଭାପତି ଦେବେନ୍ଦ୍ର ପାତ୍ର, ପରାମର୍ଶଦାତା ଟହଲିଚରଣ ମହାନ୍ତି, ନିରଞ୍ଜନ ସ୍ୱାଇଁ, ବିଜୟଲକ୍ଷ୍ମୀ ସାହୁ, ଅକ୍ଷୟ କୁମାର ସାହୁ, ନିରଞ୍ଜନ ସାହୁ, ପ୍ରକାଶ ରାୟ, କୈଳାସଚନ୍ଦ୍ର ବେହେରା, ବଂଶୀଧର ପୃଷ୍ଟି, ଧୀରେନ୍ଦ୍ରନାଥ ବଳବନ୍ତରାୟ, ଅଧିକାରୀ ସୁରେନ୍ଦ୍ରନାଥ ସାହୁ, ପ୍ରଦୀପ ସାହୁ, ଚତୁର୍ଦ୍ଦଶ ସାହାଣୀ, ନରେନ୍ଦ୍ର ପାତ୍ର, ଅକ୍ଷୟ ମହାନ୍ତି, ସଂଜୀୟ ପାତ୍ର, ମହନ୍ତ ଉଦୟନାଥ ବେହେରା, ବିଭୂତିଭୂଷଣ ବୈଶାଖ, କର୍ପୋରେଟର ମୀନା ସାହୁ, ବିଭୂଦତ୍ତ ସେନାପତି, ଚିରଞ୍ଜୀୟ ସାହୁ, ସୁକାନ୍ତ ସାହାଣୀ ଓ ଲିଙ୍ଗରାଜ ବସ୍ତିଆ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇଥିଲେ। ପୂଜା କମିଟିର ସାଧାରଣ ସମ୍ପାଦକ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷାବିତଙ୍କ ବିୟୋଗରେ ଶୋକ



**କଟକ,୨୩।୩(ସମିସ):** ଶ୍ରୀରାମ ମନ୍ଦିର ଉନ୍ନୟନ କମିଟି, ସେକ୍ଟର-୬, ମର୍କତନଗରର କାର୍ଯ୍ୟକାରୀ ସଭାପତି ତଥା କଟକ ବଢେଇସାହି ପ୍ରାଇମେରୀ ସ୍କୁଲର ପ୍ରାକ୍ତନ ସୁନାମଧନ୍ୟ ପ୍ରଧାନଶିକ୍ଷକ, ଧର୍ମପ୍ରାଣ ମାଧବାନନ୍ଦ ନାୟକଙ୍କର ଗତ ୨୧ ତାରିଖ ରାତ୍ର ୧୧ଟା ୩୦ମିନିଟ ସମୟରେ କଟକ ମେଡିକାଲରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର ଓ ଦୁଇଝିଅଙ୍କ ସମେତ ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରଠାରେ ସଂସ୍କାର କରାଯାଇଥିଲା। ରାମମନ୍ଦିର କମିଟିର ସଭାପତି ଦୟାନିଧି ଲେଙ୍କା, ସମ୍ପାଦକ ଅକ୍ଷୟ କୁମାର ଆଚାର୍ଯ୍ୟ, ଉପଦେଷ୍ଟା ସର୍ବଶ୍ରୀ ଲକ୍ଷ୍ମୀଧର କର, ରବୀନ୍ଦ୍ର ଦାସ, ନିରଞ୍ଜନ ମହାନ୍ତି, ରବୀନ୍ଦ୍ର ନାଥ, ଦୈତାରୀ ନାୟକ, ଦୀପକ ପାଲ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସମେତ ପୂର୍ବତନ ମନ୍ତ୍ରୀ ସମୀର ଦେ, ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ, ଭାରତମାତା ପୂଜନ ସମିତି ସମ୍ପାଦକ ମନୋରଞ୍ଜନ ସାହୁ, ନିଶିକାନ୍ତ ସେଠୀ, ଭାଜପା ରାଜ୍ୟ କାଯ୍ୟକାରିଣୀ ସଦସ୍ୟା ଗୀତା ଦାସ, ବିବେକାନନ୍ଦ ନାୟକ, ମଣ୍ଡଳ ସଭାପତି କବିରଞ୍ଜନ ମହାନ୍ତି, ବିଭୁ ପୃଷ୍ଟି, ଜିତେନ୍ଦ୍ର ସାହୁ ଓ ସୁଧୀନ୍ଦ୍ର ବଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ନାୟକଙ୍କର ଏକମାତ୍ର ପୁତ୍ର ଦୀପକ ନାୟକ ମୁଖାଗ୍ନି ଦେଇଥିଲେ।

**ଏସ୍‌ସିବି କର୍ତ୍ତୃପକ୍ଷଙ୍କ ବିଚିତ୍ର ନୀତି**

## ଗୋଟିଏ ସଂସ୍ଥାକୁ ଅହେତୁକ ଅନୁକମ୍ପା

- ସଂସ୍ଥାର ଅନେକ କର୍ମଚାରୀ ପୂର୍ବରୁ ଗିରଫ ହୋଇଛନ୍ତି
- ଏପ୍ରିଲରୁ ଉକ୍ତ ସଂସ୍ଥାକୁ ମିଳିବ ବ୍ୟାଟେରୀ ଗାଡ଼ି ଦାୟିତ୍ୱ



**କଟକ,୨୩।୩(ସମିସ)**

ଯେଉଁ ସଂସ୍ଥା ବିରୋଧରେ ମାଳମାଳ ଅଭିଯୋଗ, ସେହି ସଂସ୍ଥାକୁ ଅଧାରୁ ଅଧିକ ଦାୟିତ୍ୱ ଟେକି ଦେଲେଣି ଏସ୍‌ସିବି କର୍ତ୍ତୃପକ୍ଷ। ଆଗାମୀ ଦିନରେ ଯେଉଁ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯୋଜନା ରହିଛି, ତାହା ମଧ୍ୟ ଉକ୍ତ ସଂସ୍ଥା ସମ୍ଭାଳିବ। ଗୋଟିଏ ଠିକା ସଂସ୍ଥା ପ୍ରତି ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଏଭଳି ଅନୁକମ୍ପା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପୃକ୍ତ ଠିକା ସଂସ୍ଥାକୁ ଏପ୍ରିଲ ପହିଲାରୁ ବ୍ୟାଟେରୀ ଗାଡି ଦାୟିତ୍ୱ ମଧ୍ୟ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଚାକିରି ନାଁରେ ଠକେଇ, ସେବା ନାଁରେ ଦଲାଲି କରି ସମ୍ପୃକ୍ତ ଠିକା ସଂସ୍ଥାର ଅନେକ କର୍ମଚାରୀ ପୂର୍ବରୁ ଗିରଫ ହୋଇଛନ୍ତି। ମାତ୍ର ବଡ ମେଡିକାଲର ପ୍ରଶାସନିକ ସ୍ତରରେ ଉକ୍ତ ସଂସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଇ ଗୋଟିଏ ପରେ ଗୋଟିଏ କାର୍ଯ୍ୟାଦେଶ ଦିଆଯାଉଛି। ଏ ବାବଦରେ ମତାମତ ନିମନ୍ତେ ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତଙ୍କୁ ଫୋନ କରାଯାଇଥିଲେ ମଧ୍ୟ ସେ ରିସିଭ କରିନଥିଲେ।

ଏସ୍‌ସିବି ମେଡିକାଲ ବିଶ୍ୱସ୍ତରୀୟ ହେବ। ରାଜ୍ୟ ସରକାର ଏ ବାବଦରେ କୋଟିକୋଟି ଟଙ୍କା ଖର୍ଚ୍ଚ କରି ଭିତ୍ତିଭୂମିର ବିକାଶ କରୁଛନ୍ତି। ପ୍ରତ୍ୟେକ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାତ୍ର ଏସ୍‌ସିବିର କେତେକ ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁଁ ଅନେକ ଅବ୍ୟବସ୍ଥା ସାମ୍ନାକୁ ଆସୁଛି। ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ଦୀର୍ଘବର୍ଷ ହେବ ଏସ୍‌ସିବି ମେଡିକାଲରେ କାର୍ଯ୍ୟ କରୁଛି। ସମ୍ପ୍ରତି ଏହି ସଂସ୍ଥାକୁ ଦିଆଯାଇଛି ଏକାଧିକ ଦାୟିତ୍ୱ। ୱାର୍ଡ ଆଟେଣ୍ଡାଣ୍ଟ, ବ୍ଲଡ ସାମ୍ପୁଲ କଲେକ୍ସନ, ଅପରେସନ ଥିଏଟର ଆଟେଣ୍ଡାଣ୍ଟ, ଡାଟା ଏନଟ୍ରି ଅପରେଟର, ଫାର୍ମାସିଷ୍ଟ ନିଯୁକ୍ତି ଠାରୁ ଆରମ୍ଭ କରି ଆହୁରି କେତେ ଦାୟିତ୍ୱ ଏହି ଠିକା ସଂସ୍ଥା ତୁଲାଉଛି। ତେବେ ଏହି ସଂସ୍ଥା ବିରୋଧରେ ପୂର୍ବରୁ ଅନେକ ଅଭିଯୋଗ ରହିଛି। ଆଟେଣ୍ଡାଣ୍ଟ ନିଯୁକ୍ତି ନାଁରେ ଗରିବ ଲୋକଙ୍କୁ ଠକିବା ଅଭିଯୋଗରେ ସଂସ୍ଥାର ଏକାଧିକ କର୍ମଚାରୀ ପୂର୍ବରୁ ଗିରଫ ହୋଇଛନ୍ତି। ଏପରିକି ଏହି ସଂସ୍ଥା ଦ୍ୱାରା ନିୟୋଜିତ ହୋଇଥିବା କେତେକ ଅସାଧୁ କର୍ମଚାରୀ ଦଲାଲି କରି ପୁଲିସ ହାତରେ ଧରାପଡ଼ିଛନ୍ତି। ତଥାପି ଉକ୍ତ ସଂସ୍ଥା ପ୍ରତି ଏସ୍‌ସିବି କର୍ତ୍ତୃପକ୍ଷ ଅନୁକମ୍ପା ଦେଖାଇ ଚାଲିଥିବା ଚର୍ଚ୍ଚା ଜୋର ଧରିଛି।

୨୦୧୧ ମସିହାରୁ ଏସ୍‌ସିବି ମେଡିକାଲରେ ବ୍ୟାଟେରୀ ଗାଡି ଚାଲୁଛି। ଏକ ଘରୋଇ ସଂସ୍ଥା ୪ଟି ବ୍ୟାଟେରୀ ଗାଡି ଏସସିବି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ। ରୋଗୀଙ୍କୁ ନେବାଆଣିବା କରିବାରେ ଏହି ଗାଡି ବ୍ୟବହୃତ ହେଉଛି। କିଛି ଦିନ ପୂର୍ବେ ଆଉ ୨ଟି ବ୍ୟାଟେରୀ ଗାଡି ଅଣାଯାଇଛି। ଏହା ଏସସିବି କର୍ତ୍ତୃପକ୍ଷଙ୍କ ନିଜସ୍ୱ ଗାଡି। ମୋଟ ୬ଟି ବ୍ୟାଟେରୀ ଗାଡି ପରିଚାଳନା ଓ ରୋଗୀଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ୫୧ଜଣ ନିଯୁକ୍ତ ହୋଇଛନ୍ତି। ୨୪ ଘଣ୍ଟିଆ ଏହି ବ୍ୟାଟେରୀ ଗାଡି ସେବା ଚାଲିଛି। ତେବେ ଆସନ୍ତା ଏପ୍ରିଲ ପହିଲାରୁ ୫୧ଜଣ ଯାକ କର୍ମଚାରୀଙ୍କୁ ଛଟେଇ କରିବାକୁ ନିର୍ଦ୍ଦେଶ ଆସି ସାରିଛି ବୋଲି ଜଣେ କର୍ମଚାରୀ କହିଛନ୍ତି। ଆସନ୍ତା ୧ ତାରିଖରୁ ଏ ସମସ୍ତ ଦାୟିତ୍ୱ ବୁଝିବ ସମ୍ପୃକ୍ତ ଠିକା ସଂସ୍ଥା। ଅପରାଧିକ କାର୍ଯ୍ୟକଳାପରେ ଯେଉଁ ସଂସ୍ଥାର ଅନେକ କର୍ମଚାରୀ ସମ୍ପୃକ୍ତ ଅଛନ୍ତି, ତଥାପି ଉକ୍ତ ସଂସ୍ଥାକୁ କେଉଁ ଉଦ୍ଦେଶ୍ୟରେ ଅନେକ ଦାୟିତ୍ୱ ପ୍ରଦାନ କରାଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ମେଡିକାଲର କର୍ମଚାରୀଙ୍କ ମହଲରେ ଦାବି ଉଠିଛି।

## ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



**କଟକ,୨୩।୩(ସମିସ):** ଜାତିର ପିତା ମହାତ୍ମା ଗାନ୍ଧୀ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ପ୍ରଥମ ଥର କଟକକୁ ଆସିଥିଲେ। ଐତିହାସିକ କଦମ୍‌ରସୁଲ ପଡ଼ିଆରେ ବ୍ରିଟିଶ ସରକାରଙ୍କୁ ଅସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ପରେ ବିନୋଦ ବିହାରୀଠାରେ ମହିଳାମାନଙ୍କୁ ସମ୍ବୋଧିତ କରିଥିଲେ। କାଠଯୋଡ଼ି ନଦୀପଠାରେ ଆୟୋଜିତ ସାଧାରଣ ସଭାରେ ଗାନ୍ଧିଜୀଙ୍କୁ ଶୁଣିବା ଲାଗି ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଏହି ସ୍ମୃତି ବହନ କରୁଥିବା ଦିବସରେ ପୁରୀଘାଟସ୍ଥ ଗାନ୍ଧିଜୀଙ୍କ ସ୍ମୃତିପୀଠରେ ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକର ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କର୍ପୋରେଟର ବନଲତା ପ୍ରଧାନ, ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

**ଚାନ୍ଦିନୀଚୌକ ବ୍ରାହ୍ମଣସାହି ନଦୀୟା ସଂକୀର୍ତ୍ତନ ମଣ୍ଡଳୀ**

## ଆକର୍ଷଣୀୟ 'ଗରୁଡ଼' ଦୋଳ ବିମାନ



**କଟକ,୨୩।୩(ସମିସ)**

ରାଜ୍ୟର ବିଭିନ୍ନ ସ୍ଥାନରେ ସୁନା, ଚାନ୍ଦି ଏବଂ ପିତ୍ତଳର ଦୋଳବିମାନ ନିର୍ମିତ ହୋଇଥିବାବେଳେ ଚାନ୍ଦିନୀଚୌକ ବ୍ରାହ୍ମଣସାହି ନଦୀୟା ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ଶିଶୁ କାଠରେ ନିର୍ମିତ ଗରୁଡ଼ ଦୋଳ ବିମାନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ୧୯୬୪ ମସିହାରେ ସ୍ୱର୍ଗତଃ ବାରିଷ୍ଟର ରଣଜିତ ମହାନ୍ତି ଏହି ବିମାନ ନିର୍ମାଣ ନିମନ୍ତେ ୫ହଜାର ଟଙ୍କା ସାହାଯ୍ୟ କରିଥିଲେ। ଶିଳ୍ପୀ ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏହି ବିମାନର ନକ୍ସା ପ୍ରସ୍ତୁତ କରିଥିବାବେଳେ କାଠ ଶିଳ୍ପୀ ସ୍ୱର୍ଗତଃ କାଶୀନାଥ ମହାରଣା ଏହାକୁ ନିର୍ମାଣ କରିଥିଲେ। ଏହି ବିମାନ ଦୋଳ ମେଳଣକୁ ଶୋଭାଯାତ୍ରାରେ ଯାଉଥିବାବେଳେ ଶତାଧିକ ଜନସାଧାରଣ ବିମାନ ଚାରିପଟେ ରୁଣ୍ଡ ହୋଇ ଏହାର କାରୁକାର୍ଯ୍ୟ ଦେଖି ଭୂୟସୀ ପ୍ରଶଂସା କରିଥାନ୍ତି। ସେତେବେଳର ତତ୍କାଳୀନ ମୁରବୀ ସ୍ୱର୍ଗତ ଧ୍ରୁବଚରଣ ପ୍ରଧାନ, ମହନ୍ତ ସ୍ୱର୍ଗତଃ ଗଣେଶଚନ୍ଦ୍ର ରାଓ, ଅଧିକାରୀ ସ୍ୱର୍ଗତଃ ରାଜକିଶୋର ସିଂହ ଓ କଟୁଆଳ ସ୍ୱର୍ଗତଃ ଅଚ୍ୟୁତାନନ୍ଦ ବେହେରାଙ୍କ ସହାୟତାରେ ଏହି ବିମାନ ନିର୍ମାଣ ହୋଇଥିଲା। ବର୍ତ୍ତମାନ ଏହି ସଂକୀର୍ତ୍ତନ ମଣ୍ଡଳୀର ମହନ୍ତ ଭିକାରୀ ଦାସ, ଅଧିକାରୀ ପ୍ରଦ୍ୟୁମ୍ନ ରାଓ ଓ କଟୁଆଳ ଗୋପାଳ ମହାରଣା ଦାୟିତ୍ୱ ବହନ କରୁଛନ୍ତି।



## ନ୍ୟୁ ଷ୍ଟିୱାର୍ଟ ସ୍କୁଲରେ ବିଶ୍ୱ ଜଳ ଦିବସ

**କଟକ, ୨୩।୩(ସମିସ)**

ମିଶନ ରୋଡ଼ସ୍ଥିତ ନ୍ୟୁ ଷ୍ଟିୱାର୍ଟ ବିଦ୍ୟାଳୟରେ ଅଧ୍ୟକ୍ଷ ରେଭେରେଣ୍ଡ ଡିକନ ମୋୟେଶ ମହାନ୍ତିଙ୍କ ପୌରହିତ୍ୱରେ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ରେଭେରେଣ୍ଡ ଡିକନ ମୋୟେଶ ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ଜଳର ଅପଚୟ ନ କରି ତାହାର ସୁଉପଯୋଗ କରିବା ପାଇଁ ବୁଝାଇଥିଲେ। ଲୋକମାନଙ୍କୁ ଜଳର ସୁବ୍ୟବହାର ଓ ସଂରକ୍ଷଣ ପାଇଁ ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟ ପରିସର ମଧ୍ୟରୁ ବାହାରି ସହର ପରିକ୍ରମା କରିଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଆକ୍ଟିଭିଟି ସଂଯୋଜକ ଶିକ୍ଷକ ଆଲୋକ ପ୍ରକାଶ ସାହୁ, ଶିକ୍ଷୟିତ୍ରୀ ରୋଜାଲିନ ନାୟକ, ମର୍ସି ରାଉତ, ବର୍ଷାରାଣୀ ଦାସ, ଜ୍ଞାନ ରଞ୍ଜନ ଓଝା, ଅମୂଲ୍ୟ କୁମାର ବେହେରା, ଲିଫସାନ ପାଣି ଶୋଭାଯାତ୍ରାକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ପରିଚାଳନାରେ ସାହାଯ୍ୟ କରିଥିଲେ।

**● ସାରସ୍ୱତ ସାଧକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ସ୍ମୃତି ସନ୍ଧ୍ୟା**

## ତରୁଣ ସାହୁଙ୍କୁ 'ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ'

**କଟକ,୨୩।୩(ସମିସ)**

୨୩ ତାରିଖ ସନ୍ଧ୍ୟାରେ କଟକ ବିଜୁପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ 'ସାରଳା ଭବନ'ଠାରେ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ପ୍ରଖ୍ୟାତ ସାରସ୍ୱତ ସାଧକ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ୯ମ ବାର୍ଷିକୀ ସ୍ମୃତି ସନ୍ଧ୍ୟା ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ୍ ଅନନ୍ତ ସୂର୍ଯ୍ୟନାରାୟଣ ନାଇଡ଼ୁ ଉଦ୍‌ଘାଟନ କରିଥିଲେ। ସ୍ମୃତି ସଂସଦର ସଭାପତି ବିଶିଷ୍ଟ ସାହିତ୍ୟିକ ଡକ୍ଟର ଇଂ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ସାମ୍ବାଦିକ ବାମାପଦ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଐତିହାସିକ ଡକ୍ଟର ହେମେନ୍ଦ୍ର ନାରାୟଣ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ସମ୍ଭ୍ରାନ୍ତ ପତ୍ରିକା 'ଝଙ୍କାର'ର ସମ୍ପାଦକ ତରୁଣ କୁମାର ସାହୁଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ 'ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ପୁରସ୍କାରସ୍ୱରୂପ ୫ ହଜାର ଟଙ୍କା ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା।

ମୁଖ୍ୟଅତିଥି ଜଷ୍ଟିସ୍ ନାଇଡୁ କହିଲେ, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଓଡିଆ ସାହିତ୍ୟର ଜଣେ ପ୍ରଜ୍ଞାଦୀପ୍ତ ସାଧକ ଓ ଗବେଷକ ଥିଲେ। ସମ୍ମାନିତ ଅତିଥି ଶ୍ରୀ ତ୍ରିପାଠୀ କହିଲେ, ଡକ୍ଟର ମହାନ୍ତି ଥିଲେ ଜଣେ ବିଶିଷ୍ଟ ବାଗ୍ମୀ, ଶିକ୍ଷାବିତ୍ ଓ ସଫଳ ସାଧକ। ଜଣେ ଜୀବନବାଦୀ ସାହିତ୍ୟିକ ଓ ଭାରତୀୟ ସଂସ୍କୃତି ଓ ପରମ୍ପରାର ପରମ ଉପାସକ ଭାବରେ ଡକ୍ଟର ମହାନ୍ତି ସୁବିଦିତ ଥିଲେ। ମୁଖ୍ୟବକ୍ତା ଡକ୍ଟର ଦାସ କହିଲେ, ସମକାଳୀନ ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଡ. ମହାନ୍ତିଙ୍କ ଅବଦାନ ଅତୁଳନୀୟ। ସଭାପତି ଡ. ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଲେ, ଫକୀରମୋହନ ଓ ପ୍ରେମଚାନ୍ଦଙ୍କ ସାହିତ୍ୟ କୃତିର ସମୀକ୍ଷା ଓ ମୂଲ୍ୟାୟନ କରିବାରେ ଡ. ମହାନ୍ତିଙ୍କ ଅଦମ୍ୟ ପ୍ରଚେଷ୍ଟା ପ୍ରଶଂସନୀୟ।



ପ୍ରାରମ୍ଭରେ ସ୍ମୃତି ସଂସଦର ଉପସଭାପତି ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦିକା କ୍ଷୀରାବ୍ଧି ତନୟା ମହାନ୍ତି ବିବରଣୀ ପାଠ କରିଥିଲେ। ଆରାଧନା ମହାନ୍ତି ମାନପତ୍ର ପାଠ କରିଥିଲେ। ସାହିତ୍ୟିକା ଡକ୍ଟର କବିତା ମିଶ୍ର ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ଯତିକାନ୍ତ ମହାନ୍ତି, ଉପାସନା ମହାନ୍ତି, ଅନନ୍ୟା ମହାନ୍ତି, ଅନିନ୍ଦ୍ୟା ମହାନ୍ତି, ପ୍ରତୀକ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ସମ୍ବାଦପତ୍ର ବିକ୍ରେତା ଗୁରୁତର ଅସୁସ୍ଥ

**କଟକ,୨୩।୩(ସମିସ)**

ବରିଷ୍ଠ ସମ୍ବାଦପତ୍ର ବିକ୍ରେତା ଶରତ ବାରିକ ଗୁରୁତର ଭାବେ ଅସୁସ୍ଥ ହୋଇ ମହାନ୍ତିପଡାସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପାଇ ସଂଘର ରତ୍ନାକର ପ୍ରଧାନ, ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ପ୍ରଦ୍ୟୁମ୍ନ ବିଶୋଇ, ପ୍ରଶାନ୍ତ ସାହୁ, ହେମନ୍ତ ପଟ୍ଟନାୟକ ହସ୍ପିଟାଲକୁ ଯାଇ ଶରତଙ୍କୁ ଭେଟି ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



# କଟକ ସିଟି



## ଟ୍ରେନ୍‌ରୁ ନିଖୋଜ ଯୁବତୀ ଉଦ୍ଧାର

କଟକ, ୨୩।୩(ସମିସ): ନନ୍‌ଷ୍ଟପ ଏକ୍ସପ୍ରେସରୁ ଜଣେ ମାନସିକ ରୋଗାଗ୍ରସ୍ତ ଯୁବତୀଙ୍କୁ କଟକ ଆରପିଏଫ୍ ସ୍କ୍ୱାଡ୍ ଉଦ୍ଧାର କରଛି। ପରେ ଯୁବତୀଙ୍କୁ ତାଙ୍କ ପରିବାର ଜିମ ଦିଆଯାଇଛି। ଆଜି ପୂର୍ବାହ୍ନରେ କଟକ ଆରପିଏଫଙ୍କୁ ସୂଚନା ମିଳିଥିଲା ଯେ, ଭୁବନେଶ୍ୱର ଷ୍ଟେସନରୁ ଜଣେ ଯୁବତୀ ଭୁଲବଶତଃ ଦୂରନ୍ତ ଏକ୍ସପ୍ରେସରେ ଚଢିଯାଇଛନ୍ତି। ଟ୍ରେନଟି ସିଧାସଳଖ ହାୱଡା ଯିବ। ଯୁବତୀ ଜଣକ ମାନସିକ ରୋଗୀ ଥିବା ସହ ସକାଳୁ ନିଖୋଜ ଥିବା ସମ୍ପର୍କରେ ଅବଗତ କରାଯାଇଥିଲା। ତେଣୁ କଟକ ଷ୍ଟେସନ ଅତିକ୍ରମ କରିବା ପୂର୍ବରୁ ଟ୍ରେନରୁ ଉକ୍ତ ଯୁବତୀଙ୍କୁ ଉଦ୍ଧାର କରିବାକୁ ଆରପିଏଫ ନିଷ୍ପତ୍ତି ନେଇଥିଲା। ଏନେଇ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ସୂଚିତ କରାଯାଇ କଟକ ଷ୍ଟେସନରେ ଟ୍ରେନ୍ ରୋକିବା ପାଇଁ ଅନୁରୋଧ କରାଯାଇଥିଲା। ଏହା ପୂର୍ବରୁ ଏଏସଆଇ ଦେବରାଜ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ ପ୍ଲାଟଫର୍ମରେ ସଜାଗ ହୋଇ ରହିଥିଲା। କିଛି ସମୟ ପରେ ଏକ୍ସପ୍ରେସ ଆସି କଟକ ଷ୍ଟେସନରେ ପହଞ୍ଚିବା ପରେ ଆରପିଏଫ ଟିମ ତୁରନ୍ତ ଟ୍ରେନରେ ଚଢି ଉକ୍ତ ଯୁବତୀଙ୍କୁ ଉଦ୍ଧାର କରିଥିଲା। ଉକ୍ତ ୨୪ ବର୍ଷୀୟ ଯୁବତୀଙ୍କ ଘର ପୁରୀ ଜିଲ୍ଲା ପିପିଲି ଅଞ୍ଚଳରେ। ସେ ପରିବାର ସହ ଭୁବନେଶ୍ୱର ମଞ୍ଚେଶ୍ୱର ଅଞ୍ଚଳରେ ରହୁଛନ୍ତି। ଗତ ୨୦୨୦ ମସିହାରୁ ସେ ମାନସିକ ରୋଗୀ ପୀଡିତ ଅଛନ୍ତି। ବର୍ତ୍ତମାନ ସେ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ତେବେ ଶନିବାର ସକାଳେ ସେ ଘରୁ ଚାଲି ଚାଲି ଭୁବନେଶ୍ୱର ଷ୍ଟେସନରେ ପହଞ୍ଚିଯାଇଥିଲେ। ଆଉ ସେଠାରୁ ସେ ଯଶୋବନ୍ତପୁର-ହାୱଡା ଦୂରନ୍ତ ଏକ୍ସପ୍ରେସରେ ଚଢିଯାଇଥିଲେ। ଏନେଇ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ପକ୍ଷରୁ ନିଖୋଜ ଯୁବତୀଙ୍କ ସମ୍ପର୍କରେ ବିଭିନ୍ନ ଥାନା ଓ ଜିଆରପିକୁ ସୂଚିତ କରାଯାଇଥିଲା। ଟ୍ରେନଟି ଭୁବନେଶ୍ୱରରୁ ନନ୍‌ଷ୍ଟପ ହାୱଡା ଯିବାର ଥିଲା।

## ୨୭ ନମ୍ବର ୱାର୍ଡରେ ମେୟରଙ୍କ ଅନୁଧ୍ୟାନ



କଟକ, ୨୩।୩(ସମିସ): କଟକ ମହାନଗର ନିଗମ ପକ୍ଷରୁ କଟକ ସହରରେ ଥିବା ବହୁ ପୁରାତନ ପୋଖରୀକୁ ୨ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଏହି କ୍ରମରେ ୨୭ ନମ୍ବର ୱାର୍ଡରେ ଥିବା ପୁରୁଣା ରାଉସାପାଟଣା ଦୁର୍ଗା-କାଳୀ ପୂଜା ପୁଷ୍କରିଣୀ ପୁନରୁଦ୍ଧାର କାମର ଅନୁଧ୍ୟାନ କରିଛନ୍ତି କଟକ ମହାନଗର ନିଗମ ମେୟର ସୁବାସ ସିଂ। ମେୟରଙ୍କ ସହ ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦଶ, ସାହି ସଭାପତି ଦିଲ୍ଲୀପ ଦାସ, ସମ୍ପାଦକ ମୀନକେତନ ଦାସ, ଆଇନଜୀବୀ ସ୍ୱଦେଶ ଦାସ ପ୍ରମୁଖ ପୁଷ୍କରିଣୀ ପୁନରୁଦ୍ଧାର ତଦାରଖ କରିବା ସହ ସ୍ଥାନୀୟ ଲୋକଙ୍କ ନିକଟରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ୪୫୩ ଡିସିମିଲି ଜାଗା ଉପରେ ରହିଛି ଉପରୋକ୍ତ ପୋଖରୀ। ଆଜି ପ୍ରଥମ ପର୍ଯ୍ୟାୟରେ ପୋଖରୀକୁ ଶୁଖା କାର୍ଯ୍ୟ ଆରମ୍ଭ ହୋଇଛି। ପୋଖରୀର ଚାରିପାଖ ଭୁଶୁଡ଼ି ପଡ଼ିଥିବା ବେଳେ ପାଖ ଘର ଗୁଡିକ ପ୍ରତି ବିପଦ ବଢ଼ିବାରେ ଲାଗିଛି ବୋଲି ସ୍ଥାନୀୟ ଲୋକମାନେ ବିଶେଷକରି ମହିଳା ମାନେ ତୁରନ୍ତ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। .ବକ୍ସ ଡ୍ରେନ ନିର୍ମାଣ ଯେପରି କରାଯାଇଥିଲା ସେହିପରି ଡିପିଆରରେ ଯୋଜନା କରାଯାଇଛି। ଏହି ଅବସରରେ ଶ୍ରମିକ ନେତା ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ, ଏ ଦାସ, ଚନ୍ଦନ ସେନ, ରଣଜିତ ବେହେରା, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୧୪ନଂ ୱାର୍ଡରେ କଂଗ୍ରେସ ସମ୍ମିଳନୀ




କଟକ, ୨୩।୩(ସମିସ): ଆଜି ସନ୍ଧ୍ୟାରେ ୱାର୍ଡ ନମ୍ବର-୧୪ କଂଗ୍ରେସ ସମ୍ମିଳନୀ ଶେଖବଜାର ସ୍ଥିତ କେଜିଏନ ମଣ୍ଡପ ଠାରେ କଂଗ୍ରେସ ନେତା ତନବିର ହୁସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କଂଗ୍ରେସ ସମ୍ମିଳନୀରେ ବାରବାଟି-କଟକ ବିଧାୟକ ମହମ୍ମଦ ମୋକିମ ଯୋଗଦେଇଥିଲେ। ପୂର୍ବତନ କର୍ପୋରେଟର ଚାରୁଲତା ସାହୁ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ସେକ ଲିଆକତ ଉଦ୍ଦିନ ଅହମ୍ମଦ, ମେହେନ୍ଦିପିର କଲୋନୀ ସଭାପତି ସମୀର କର, ତରୁଣ ଦେ, ଦେବାଶିଷ ଦାସ, ସୁବାଷ ସରକାର, ରଘୁନାଥ ଦତ୍ତ, ଦୁର୍ଗା ପ୍ରସାଦ ସିଂ, ଦୁର୍ଗା ଚରଣ ଦତ୍ତ, ନାସିର ଉଦ୍ଦିନ ଖାଁ, ଶେଖ୍ ଆଲମ୍, ମହମ୍ମଦ ଇମ୍ରାନ, ସର୍ଫରାଜ ଖାଁ, ସିଲା ସାହା, ଉତ୍ତମ ଦେ, ନିମେଇ ମହାରଣା, ଶିବେନ୍ଦ୍ର ବାରିକ, ଦେବାଶିଷ ହଳଧର, ଭବେଶ ମଜୁମଦାର, ବିଶ୍ୱନାଥ ସାହୁ, ଦାମୋଦର ସାହୁ, ବନମାଳୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ସିବିରେ ପୁଣି ଅଚଳ ପିପିପି ମୋଡ୍ ସିଟି ସ୍କାନ୍ ମେସିନ୍

କଟକ, ୨୩।୩(ସମିସ)




**ଅସହ୍ୟ ତାତିରେ ଲମ୍ବା ଧାଡିରେ ଛିଡ଼ା ହେଉଛନ୍ତି ରୋଗୀ ସମ୍ପର୍କୀୟ**

**ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଚେଷ୍ଟା କରାଯାଉଛି: ପ୍ରଶାସନିକ ଅଧିକାରୀ**

ଶ୍ରୀରାମଚନ୍ଦ୍ର ଭଞ୍ଜ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଆଜି ପୁଣି ଅଚଳ ହେଲା ରଞ୍ଜନରଶ୍ମି ବିଭାଗରେ ଥିବା ପିପିପି ମୋଡ୍ ସିଟି ସ୍କାନ୍ ମେସିନ୍। ୧୦ ମାର୍ଚ୍ଚରୁ ଏହି ପିପିପି ମୋଡ୍ ସିଟି ସ୍କାନ୍ ମେସିନ ଖରାପ ହୋଇଥିବା ବେଳେ ଦୁଇଦିନ ବା ୨୧ ଓ ୨୨ ମାର୍ଚ୍ଚରେ ଏହାକୁ ସଜଡା ଯାଇ କାର୍ଯ୍ୟକାରୀ କରାଯାଇଥିଲା। ହେଲେ ମେସିନ୍‌ଟି ସଜଡାଯିବାର ୪୮ ଘଣ୍ଟା ମଧ୍ୟରେ ପୁଣି ମେସିନ୍ ଖରାପ ହୋଇଥିବା ଉକ୍ତ ବିଭାଗ ପକ୍ଷରୁ ସୂଚନା ରହିଛି। ଫଳରେ ରୋଗୀ ସିଟି ସ୍କାନ୍‌ରୁ ବଞ୍ଚିତ ହେଉଛନ୍ତି। ଏପରିକି ମେସିନ୍ ଖରାପ ଯୋଗୁଁ ଉକ୍ତ ସଂସ୍ଥାର ଆଉ ଏକ ମେସିନ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ଠାରେ କାର୍ଯ୍ୟକାରୀ ରହିଥିବା ବେଳେ ମେଡିକାଲ ପକ୍ଷରୁ ରୋଗୀଙ୍କୁ ସେଠାକୁ ପଠାଯାଇ ସିଟି ସ୍କାନ୍ କରାଯାଉଛି। ଆଜି ରଞ୍ଜନରଶ୍ମି ବିଭାଗରେ ଥିବା ପିପିପି ମୋଡ୍ ସିଟି ସ୍କାନ୍ ପାଇଁ ରୋଗୀ ଓ ସମ୍ପର୍କୀୟ ଧାଡି ଲଗାଇଥିଲେ। ହେଲେ ମେସିନ୍ ପୁଣି ଖରାପ ହେବା ଜାଣି ରୋଗୀ ଓ ସମ୍ପର୍କୀୟ ନିରାଶ ହୋଇ ଫେରିଛନ୍ତି। ଏନେଇ ବାଲେଶ୍ୱର ଅଞ୍ଚଳର ଭାସ୍କର ଦେହୁରୀ ଅଭିଯୋଗ କରି କହିଛନ୍ତି ଯେ, ମେଡିକାଲ କର୍ତ୍ତୃପକ୍ଷ ମେସିନ୍ ଖରାପ କହି ଅନ୍ୟତ୍ର ପଠାଉଛନ୍ତି। ହେଲେ ସେଠାରୁ ମଧ୍ୟ ନିରାଶ ହୋଇ ଫେରିବାକୁ ପଡୁଛି।

ଆଜି ପିପିପି ମୋଡ୍ ସିଟି ସ୍କାନ୍ ମେସନ୍ ଚାଲୁଥିବା ଜାଣି ଏସ୍‌ସିବିରେ ସ୍କାନିଂ କରାଇବାକୁ ଆସିଥିବା ମାହାଙ୍ଗା ଅଞ୍ଚଳର ତ୍ରିଭୁବନ ପାଢ଼ୀ ଅଭିଯୋଗ କରିଛନ୍ତି, ମେଡିକାଲ କର୍ମଚାରୀ ମେସିନ୍ ପୁଣି ଖରାପ ହୋଇଥିବା କହୁଛନ୍ତି। ଏପରିକି ମେସିନ୍ ଠିକ୍ ହେବାକୁ ୮ ଦିନ ସମୟ ଲାଗିବ ବୋଲି ଉକ୍ତ ବିଭାଗରେ କର୍ମଚାରୀ କହି ସମସ୍ତଙ୍କୁ ଫେରାଇ ଦେଉଛନ୍ତି। ମେଡିକାଲ ପକ୍ଷରୁ ଏ ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ ରହିଥିବା ରୋଗୀ ସମ୍ପର୍କୀୟ କହିଛନ୍ତି।

ଏନେଇ ଏସ୍‌ସିବି ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପିପିପି ମୋଡ୍ ସିଟି ସ୍କାନ୍ ମେସିନ୍ ଯଦିଓ ପୁଣି ଖରାପ ହୋଇଛି ତେବେ ଏନେଇ ମେଡିକାଲ ପକ୍ଷରୁ ସରକାରଙ୍କୁ ଅବଗତ କରାଯିବ। ତୁରନ୍ତ ଅନ୍ୟ ଏକ ସିଟି ସ୍କାନ୍ ମେସିନ ଦେବା ନେଇ ଅବଗତ କରାଇବୁ। ଏସ୍‌ସିବିର ନିଜସ୍ୱ ସିଟି ସ୍କାନ୍ ମେସିନ ଯାହାକି ଆଞ୍ଚଳିକ ନିଦାନ କେନ୍ଦ୍ରରେ ରହିଛି, ତାହା କାର୍ଯ୍ୟ କରୁଛି। ପିପିପି ମୋଡ୍ ସିଟି ସ୍କାନ୍ ଆବଶ୍ୟକ କରୁଥିବା ରୋଗୀଙ୍କୁ ଆଚାର୍ଯ୍ୟ ହରିହର କର୍କଟ ରୋଗ କେନ୍ଦ୍ରକୁ ପଠାଯାଇ ସ୍କାନିଂ କରାଯିବାକୁ ଯୋଜନା କରାଯାଇଛି। ତୁରନ୍ତ ସମସ୍ୟାର ସମାଧାନ ନେଇ ପଦକ୍ଷେପ ଗ୍ରହଣ କରାଯିବା ନେଇ ରାଉତ କହିଛନ୍ତି।

# ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୩ ବର୍ଷ ପୂର୍ତ୍ତି ପାଳିତ



କଟକ, ୨୩।୩(ସମିସ)

ମହାତ୍ମା ଗାନ୍ଧୀଙ୍କର ପ୍ରିୟ ଭୂମି ଥିଲା ଓଡ଼ିଶା। କଟକକୁ ସେ ଅନେକଥର ଆସିଥିଲେ। ତାଙ୍କ ବିଚାରାଧାରାରେ ଆମେ ସମସ୍ତେ ସାମିଲ ହୋଇ ଦାୟିତ୍ୱବୋଧତାର ସହ କଟକ ଜିଲ୍ଲା ପାଇଁ କାର୍ଯ୍ୟ କରିବା ଆଦି ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ ସହ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଆୟୋଜିତ ଗାନ୍ଧୀଙ୍କର ଓଡ଼ିଶା ଆଗମନର ୧୦୩ ବର୍ଷ ପୂର୍ତ୍ତି ଅବସରରେ ଜୁଡିସିଆଲ ଏକାଡେମୀ ନିକଟସ୍ଥ ଗାନ୍ଧୀ ପାର୍କଠାରେ କଟକ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଗାନ୍ଧୀଜୀଙ୍କ ସ୍ଥାପତ୍ୟ କଳା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ଅର୍ପଣ ପୂର୍ବକ ନିଜର ମତବ୍ୟକ୍ତ ପ୍ରକାଶ କରିଥିଲେ। ଏଥି ସହ କସ୍ତୁରବା ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ରାଷ୍ଟ୍ରପିତାଙ୍କ ଓଡ଼ିଶା ବିଶେଷ ଭାବେ ଆଗମନର ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଏହି ଐତିହାସିକ ସ୍ମାରକୀ ସ୍ଥଳର ଆବଶ୍ୟକ ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ଅତିଥିଙ୍କ ଉପସ୍ଥିତରେ ଜିଲ୍ଲାପାଳ କହିଥିଲେ। ଆଜିର ଏହି ଭବ୍ୟ କାର୍ଯ୍ୟକ୍ରମରେ ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ସହ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ ଦାସ, ସର୍ବୋଦୟ ନେତା ବିଜୟ ତ୍ରିପାଠୀ, ପ୍ରସନ୍ନ ମହାପାତ୍ର, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ, ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ ପ୍ରମୁଖଙ୍କ ସମେତ ଉକ୍ତ ଅନୁଷ୍ଠାନ ମାନଙ୍କର ତଥା ଗାନ୍ଧୀ ବିଚାରଧାରାର ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଗାନ୍ଧୀଜୀଙ୍କର ସ୍ମୃତିଚାରଣ କରିବା ସହ ଗାନ୍ଧୀ, କସ୍ତୁରବା ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିରାମ ଦାସ ଓ ଗାନ୍ଧୀ ସ୍ମାରକ ନିଧିର କେନ୍ଦ୍ରୀୟ ଟ୍ରଷ୍ଟି ଡା. ବିଶ୍ୱଜିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କର୍ଣ୍ଣାଟକରୁ ନିଖୋଜ ଯୁବକ କଟକରୁ ଉଦ୍ଧାର

କଟକ, ୨୩।୩(ସମିସ): କର୍ଣ୍ଣାଟକରୁ ନିଖୋଜ ଥିବା ଜଣେ ଯୁବକକୁ କଟକ ଆରପିଏଫ ସ୍କ୍ୱାଡ୍ ଉଦ୍ଧାର କରିଛି। ଶୁକ୍ରବାର ବିଳମ୍ବିତ ରାତିରେ ଆରପିଏଫ ଟିମ ଏକ ଟ୍ରେନର ଯାଞ୍ଚ କରୁଥିଲା ବେଳେ ଜଣେ ଯୁବକକୁ ଠାବ କରିଥିଲା। ଉକ୍ତ ଯୁବକ ଜଣକ ନିଖୋଜ ଥିବା ନେଇ କର୍ଣ୍ଣାଟକ ପୁଲିସ ପକ୍ଷରୁ ଫଟୋ ସହ ସୂଚନା ଜାରି ହୋଇଥିଲା। ଏହା ଜାଣି ଆରପିଏଫ ଟିମ ଉକ୍ତ ଯୁବକକୁ କଟକ ପୋଷ୍ଟକୁ ଆଣି କର୍ଣ୍ଣାଟକ ପୁଲିସ ସହ ଯୋଗାଯୋଗ କରିଥିଲା। ଯୁବକ ଜଣକ ହେଲେ କର୍ଣ୍ଣାଟକର କୋଡାଗୁ ଜିଲ୍ଲା ପୋନାମପେଟ ଥାନା ଅଞ୍ଚଳର ମନ୍ଦନା ଏମ.ଏମ। ଏକ ସମ୍ଭ୍ରାନ୍ତ ପରିବାରର ଏହି ଯୁବକ ଜଣକ ମାନସିକ ରୋଗରେ ପୀଡିତ ଥିଲେ। ତେବେ ଗଲା ୨୦ ତାରିଖରୁ ସେ ଘରୁ କେଉଁଆଡେ ଚାଲିଯାଇଥିଲେ। ଏନେଇ ପରିବାର ପକ୍ଷରୁ ସ୍ଥାନୀୟ ପୋନାମେଟ ଥାନାରେ ଏତଲା ପରେ ପୁଲିସ ତାଙ୍କ ଫଟୋକୁ ଦେଶତମାମ ବିଭିନ୍ନ ସଂସ୍ଥାକୁ ପଠାଇଥିଲା। ଏହି ଫଟୋ ଆଧାରରେ ଆରପିଏଫ ନିଖୋଜ ଯୁବକକୁ ଚିହ୍ନଟ କରିଥିଲା। ଶନିବାର ସକାଳେ ପରିବାର ଲୋକେ ପହଞ୍ଚିବା ପରେ ଯୁବକଙ୍କୁ ତାଙ୍କ ଜିମା ଦିଆଯାଇଛି।

## ଏଆଇଡିଏସ୍‌ଓ ପକ୍ଷରୁ ସହିଦ ଦିବସ

କଟକ, ୨୩।୩(ସମିସ): ସ୍ୱାଧୀନତା ଆନ୍ଦୋଳନର ଆପୋଷହୀନ ଧାରାର ଯୋଦ୍ଧା ସହିଦ-ଏ-ଆଜମ୍ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ୯୪ତମ ଫାଶୀ ଦିବସ ଉପଲକ୍ଷେ ଛାତ୍ର ସଂଗଠନ ଏଆଇଡିଏସ୍‌ଓ, ମହିଳା ସଂଗଠନ ଏଆଇଏମ୍‌ଏସ୍‌ଏସ୍ ଓ ଯୁବ ସଂଗଠନ ଏଆଇଡିୱାଇଓ ଏବଂ କିଶୋର ବାହିନୀ କମ୍‌ସୋମୋଲ୍ ପକ୍ଷରୁ ସ୍ଥାନୀୟ ସହିଦ ପାର୍କରେ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏଆଇଡିଏସ୍‌ଓ ସର୍ବଭାରତୀୟ କାଉନସିଲ ସଦସ୍ୟ ବବି ବଳବନ୍ତରାୟ, ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ବିଶିଷ୍ଟ ବିପ୍ଳବୀ କବି ଅକ୍ଷୟ ରାଉଳ, ସଂଗଠନର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, କଟକ ଜିଲ୍ଲା କମିଟି ସଭାପତି ଇଶା ଧର, ଉପସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, ସଂଗଠକ ଅମରେନ୍ଦ୍ର ନାୟକ, ଜ୍ୟୋସ୍ନାରାଣୀ ଦାସ, ସରୋଜ ମାନସିଂହ, ଯୁବ ସଂଗଠନ ଏଆଇଡିୱାଇଓ ପକ୍ଷରୁ କଟକ ସିଟି ସମ୍ପାଦକ ଦୀପକ ରଞ୍ଜନ ଦାସ, ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ କଟକ ଜିଲ୍ଲା ଉପସଭାପତି ସିପ୍ରା ମହାନ୍ତି, ସଂଗଠକ ଝରଣା ଦାସ, କମ୍‌ସୋମୋଲ୍ ପକ୍ଷରୁ ଜ୍ୟୋତି ରଞ୍ଜନ ଦାସ ପ୍ରମୁଖଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




# ଜମି ଜାଲିଆତି କରି ୨୫ଲକ୍ଷ ଠକେଇ: ଜଣେ ଗିରଫ

କଟକ, ୨୩।୩(ସମିସ)

ମର୍କତନଗର ଅଞ୍ଚଳର ଜଣେ ବ୍ୟାଙ୍କ୍ ଅଧିକାରୀ ଏକ ବଡ଼ଧରଣର ଠକାମିର ଶିକାର ହୋଇଛନ୍ତି। ଅଭିଯୁକ୍ତ ନାଁରେ କୌଣସି ଜମି ନଥିବା ବେଳେ ଅନ୍ୟ ଜଣଙ୍କ ଜମିର କାଗଜପତ୍ରକୁ ନିଜ ନାଁରେ ଦର୍ଶାଇ ସେ ୨୫ ଲକ୍ଷ ଟଙ୍କା ଠକିନେଇଛ। ଏଭଳି ଏକ ଘଟଣାକୁ ତଦନ୍ତ କରି ସାଇବର ଥାନା ପୁଲିସ ଅଭିଯୁକ୍ତ ଠକକୁ ଗିରଫ କରିଛି। ସେ ହେଲା ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଥାନା ଦେଉଳି ଗାଁର ଦତ୍ତାତ୍ରେୟ ମିଶ୍ର(୪୨) ଆଜି ତାଙ୍କୁ କୋର୍ଟ ଚାଲାଣ ପରେ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ମର୍କତନଗର ସେକ୍ଟର-୬ରେ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଘର। ଗତ ୧୩ ତାରିଖରେ ପତ୍ନୀ ରଶ୍ମିରେଖାଙ୍କ ସହ ଶ୍ରୀ ମିଶ୍ର ସାଇବର ଥାନାକୁ ଆସି ଅଭିଯୋଗ କରିଥିଲେ କି, ୨୦୨୦ ମସିହାରେ ସେ ଭୁବନେଶ୍ୱରର ଲୁଇସ୍ ରୋଡସ୍ଥିତ ଏକ ରାଷ୍ଟ୍ରାୟତ ବ୍ୟାଙ୍କର ରିକଭରି ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ପରିଚିତ ବେଦଦ୍ୟୁତି ବାରିକଙ୍କ ମାଧ୍ୟମରେ ଦତ୍ତାତ୍ରେୟ ମିଶ୍ର ସହିତ ତାଙ୍କର ପରିଚୟ ହୋଇଥିଲା। ଆରମ୍ଭରୁ ଦତ୍ତାତ୍ରେୟ ଉତ୍ତମ ବ୍ୟବହାର କରୁଥିଲା। କିଛି ଦିନ ପରେ ଦୁହିଁଙ୍କ ଭିତରେ ଘନିଷ୍ଠ ବନ୍ଧୁତା ହୋଇଯାଇଥିଲା। ଏହା ଭିତରେ ୨୦୨୦ ଅଗଷ୍ଟ ୨୦ ତାରିଖ ଦିନ ଦତ୍ତାତ୍ରେୟ ତାର ବାପା ସତ୍ୟକାମ ମିଶ୍ରଙ୍କୁ ଧରି ହଠାତ ତାଙ୍କ ଘରେ ପହଞ୍ଚିଥିଲା।




**ସାଇବର ଥାନାରେ ହୋଇଥିଲା ଏତଲା: ଅନ୍‌ଲାଇନ ଟ୍ରାଞ୍ଜାକସନ୍‌ରୁ ଧରାପଡ଼ିଲା ଅଭିଯୁକ୍ତ**

କଥାବାର୍ତ୍ତା ଭିତରେ ସେ କହିଲା ଯେ, କିଛି ଜରୁରୀ କାମ ପାଇଁ ୩୦ ଲକ୍ଷ ଟଙ୍କା ତୁରନ୍ତ ଆବଶ୍ୟକ ଅଛି। ଏଥିପାଇଁ ନିଜ ନାଁରେ ଥିବା ଅନୁଗୁଳ ବଆଁରପାଳ ଦେଇ ଯାଇଥିବା ରାଜପଥ ପାର୍ଶ୍ୱର ଜମିକୁ ବିକ୍ରି କରିବାକୁ ଚାହୁଁଛି। ସେହି ଜମିର କାଗଜପତ୍ର ଦେଖାଇ ତାହାକୁ କିଣିବା ପାଇଁ ସେ ପୂର୍ଣ୍ଣଚନ୍ଦ୍ରଙ୍କୁ ଅନୁରୋଧ କରିଥିଲା। ରାଜପଥ ପାର୍ଶ୍ୱ ଜମି ଅନୁସାରେ ୩୦ ଲକ୍ଷ ଟଙ୍କା ଢେର କମ ବୋଲି କହିବା ସହ କିଛି ଅଗ୍ରୀମ ଦେବାକୁ ନେହୁରା ହୋଇଥିଲା। ବଳକା ଟଙ୍କା ମିଳିଲା ପରେ ଜମି ତାଙ୍କ ନାଁରେ ପଞ୍ଜିକୃତ କରିଦେବ ବୋଲି ଦତ୍ତାତ୍ରେୟ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ସେ ଆଉ ୨/୩ ଥର ପୂର୍ଣ୍ଣଚନ୍ଦ୍ରଙ୍କୁ ଘରକୁ ଆସି ସମାନ କଥା ଦୋହରାଇଥିଲା। ତା କଥାକୁ ବିଶ୍ୱାସ କରି ୨୦୨୦ ଅଗଷ୍ଟ ୨୮ରେ ପୂର୍ଣ୍ଣଚନ୍ଦ୍ର ଏନ୍‌ଇଏଫଟିରେ ୫ ଲକ୍ଷ ଟଙ୍କା ଅଗ୍ରୀମ ପ୍ରଦାନ କରିଥିଲେ। ଏହାପରେ ସେ ଜମି କଥା କହିବାରୁ ଦତ୍ତାତ୍ରେୟ ପୂରା ଟଙ୍କା ମିଳିଲା ପରେ ପଞ୍ଜିକୃତ କରାଯିବ ବୋଲି କହିଥିଲା। ଏଭଳି ସ୍ଥିତିରେ ପୂର୍ଣ୍ଣଚନ୍ଦ୍ର ୨୦୨୦ ସେପ୍ଟେମ୍ବର ୨୮ରେ ୫ ଲକ୍ଷ, ୨୦୨୧ ଫେବ୍ରୁଆରୀ ୧୭ରେ ୧୦ ଲକ୍ଷ, ୨୪ ଫେବ୍ରୁଆରୀରେ ୩ ଲକ୍ଷ ଟଙ୍କା ଏନ୍‌ଏଇଏଫଟି ଜରିଆରେ ତାକୁ ପ୍ରଦାନ କରିଥିଲେ। ମୋଟ ୨୩ ଲକ୍ଷ ଟଙ୍କା ପାଇବା ପରେ ମଧ୍ୟ ଦତ୍ତାତ୍ରେୟ ଜମି ପଞ୍ଜିକୃତ କରିବାକୁ ରାଜି ହୋଇନଥିଲା। ପରେ ୨୦୨୧ ଏପ୍ରିଲ ୪ରେ ଦତ୍ତାତ୍ରେୟ ତାର ବାପା ସତ୍ୟକାମଙ୍କ ସହିତ ପୂର୍ଣ୍ଣଚନ୍ଦ୍ରଙ୍କ ଘରକୁ ଆସି ସେଲ୍‌ଫ ଡିଡ ପାଇଁ ଆଉ ୨ ଲକ୍ଷ ଟଙ୍କା ତୁରନ୍ତ ଦେବାକୁ କହିଥିଲା। ଏହାକୁ ବିଶ୍ୱାସ କରି ସେ ପୁଣି ୨ ଲକ୍ଷ ଟଙ୍କା ଦେଇଥିଲେ। ପ୍ରତିବଦଳରେ ଦତ୍ତାତ୍ରେୟ ନିଜର ଆଧାର କାର୍ଡ, ପ୍ୟାନ୍ କାର୍ଡ, ପାସପାର୍ଟ ଫଟୋ ସହିତ ଉକ୍ତ ଜମିର ଜେରକ୍ସ କାଗଜପତ୍ର ଦେଇ ଚାଲି ଯାଇଥିଲା। କିଛି ଦିନ ପରେ ପୂର୍ଣ୍ଣଚନ୍ଦ୍ର ପଞ୍ଜିକୃତ ପାଇଁ ତାକୁ ଯୋଗାଯୋଗ କରିବାରୁ ସେ ଆଉ ଧରାଛୁଆଁ ଦେଇ ନଥିଲା। ଏଭଳି କିଛି ମାସ ବିତିଯିବା ପରେ ଖୋଳାତାଡ କରି ପୂର୍ଣ୍ଣଚନ୍ଦ୍ର ଜାଣିବାକୁ ପାଇଥିଲେ ଯେ, ଦତ୍ତାତ୍ରେୟ ଯେଉଁ ଜମିର କାଗଜପତ୍ର ତାଙ୍କୁ ଦେଖାଇଛି ତାହା ଜାଲ୍। ଏମିତିକି ତା ନାଁରେ ଅନୁଗୁଳରେ କୌଣସି ଜମି କିମ୍ବା ସ୍ଥାବର ସମ୍ପତ୍ତି ନାହିଁ। ଏଭଳି ସ୍ଥିତିରେ ଏକ ବଡ ଠକାମୀରେ ପଡ଼ିଥିବା ଜାଣି ଶ୍ରୀ ମିଶ୍ର ସାଇବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ସାଇବର ପୁଲିସ ଘଟଣାକୁ ଗୁରତର ସହ ଗ୍ରହଣ କରି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଟଙ୍କା ଆଦାନପ୍ରଦାନର ସମସ୍ତ ପ୍ରମାଣକୁ ଖୋଳତାଡ୍ କରାଯାଇଥିଲା। ଅନଲାଇନ୍ ଟ୍ରାଞ୍ଜାକସନ୍ ତଥା ଏନ୍‌ଇଏଫଟି ଯାଞ୍ଚ କରାଯିବା ପରେ ପୁଲିସ ଅଭିଯୁକ୍ତର ଜାଲିଆତି ଜାଣିବାକୁ ପାଇଥିଲା। ପୁଲିସ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଅଞ୍ଚଳରେ ଚଢଉ କରି ଦତ୍ତାତ୍ରେୟକୁ ଆଜି ଗରଫ କରିଛି।

## ନାବାଳିକା ଉଦ୍ଧାର: ଅଭିଯୁକ୍ତ ଗିରଫ

କଟକ, ୨୩।୩(ସମିସ): ଜଣେ ନାବାଳିକାକୁ ଅପହରଣ କରିନେବା ଘଟଣାରେ ଶନିବାର ଚାଉଳିଆଗଞ୍ଜ ଥାନା ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି। ଏଥି ସହିତ ଅପହୃତା ନାବାଳିକାକୁ ଉଦ୍ଧାର ମଧ୍ୟ କରାଯାଇଛି। ଅଭିଯୁକ୍ତକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର ପରେ ତାକୁ ଅନୁଗୁଳସ୍ଥିତ ବାଳ ଅପରାଧ ସୁଧାରଗୃହକୁ ପଠାଇ ଦିଆଯାଇଥିବା ଏସିପି କୃଷ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଶିଖରପୁର ନଦୀକୂଳ ସାହିରେ ଜଣେ ନାବାଳିକା ସହିତ ଏରସମାର ଜଣେ ନାବାଳକ ମଧ୍ୟରେ ସୋସିଆଲ ମିଡିଆ ଜରିଆରେ ବନ୍ଧୁତ୍ୱ ସ୍ଥାପନ ହୋଇଥିଲା। କିଛିଦିନ ଚାଟିଂ ଚାଲିବା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଗତ ୧୫ଦିନ ପୂର୍ବେ ହଠାତ୍ ନାବାଳିକାଜଣକ ଘରୁ କେଉଁଆଡେ ନିଖୋଜ ହୋଇଯାଇଥିଲା। ପରେ ପରିବାରଲୋକ ଜାଣିବାକୁ ପାଇଲେ ଯେ ଜଣେ ନାବାଳକ ତାକୁ ଅପହରଣ କରିନେଇଛି। ପୁଲିସ ଘଟଣାର ତଦନ୍ତ କରି ଏରସମାସ୍ଥିତ ନାବାଳକର ଜଣେ ସମ୍ପର୍କୀୟ ଘରୁ ଅପହୃତାକୁ ଉଦ୍ଧାର କରିଥିଲା। ଗତ ଗୁରୁବାର ଦିନ ନାବାଳିକାଜଣକ ପାଖରେ ରହୁଥିବା ଜଣେ ବାନ୍ଧବୀଙ୍କ ପାଖକୁ ଯାଉଥିବା କହି ଘରୁ ଚାଲିଯାଇଥିଲା। ଏହାପରେ ସନ୍ଧ୍ୟା ହୋଇଯାଇଥିଲେ ହେଁ ସେ ଘରକୁ ଫେରି ନଥିଲା। ଫଳରେ ପରିବାରଲୋକ ବିଭିନ୍ନ ସ୍ଥାନରେ ଖୋଜଖବର ନେଇଥିଲେ, ହେଲେ କେଉଁଠାରେ ତାକୁ ପାଇ ନଥିଲେ। ଏତଲାକ୍ରମେ ପୁଲିସ ପୂର୍ବ ଘଟଣାକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଥିଲା। ତଦ୍‌ନୁଯାୟୀ ନାବାଳକଜଣକ ତାକୁ ଅପହରଣ କରିନେଇ ରଘୁନାଥପୁର ତାରପୁରସ୍ଥିତ ତା'ର ମାମୁଙ୍କ ଘରେ ରଖିଥିବା ଖବର ମିଳିଥିଲା। ଆଜି ପୁଲିସ ସେଠାରେ ଚଢ଼ଉକରି ଅପହୃତାକୁ ଉଦ୍ଧାର କରିବା ସହିତ ଅପହର୍ତ୍ତାକୁ କାବୁ କରିନେଇଥିଲା। ଡାକ୍ତରୀମାଇନ ଓ ବୟାନ ରେକର୍ଡ ପରେ ନାବାଳିକାକୁ ସିଡବ୍ଲ୍ୟୁସିରେ ହାଜର କରାଯିବା ପରେ ବସୁନ୍ଧରାରେ ରଖାଯାଇଛି। ସେହିପରି ଅପହରଣ ଘଟଣା ଘଟାଇବା ନେଇ ଅଭିଯୁକ୍ତ ନାବାଳକକୁ ବାଳ ଅପରାଧସୁଧାରଗୃହକୁ ପଠାଇଦିଆଯାଇଛି।

ସକାଳ THE SAKALA



## ମଦ ମାଫିଆକୁ ଗିରଫ ବେଳେ ଉତ୍ତେଜନା

# ଅବକାରୀ ଟିମ୍‌କୁ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

**ଆଠଗଡ଼,୨୩।୩(ସମିସ):** କଟକ ଜିଲ୍ଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମଦ ମାଫିଆକୁ ଧରିବା ବେଳେ ଅବକାରୀ ବିଭାଗ କର୍ମଚାରୀମାନେ ଆକ୍ରମଣର ଶିକାର ହୋଇଛନ୍ତି। ଏପରିକି ମାଫିଆମାନେ ବିଭାଗୀୟ ଗାଡ଼ିକୁ ଭଙ୍ଗାରୁଜା କରିଥିବା ଜଣାପଡ଼ିଛି। କଟକ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଓ ଆଠଗଡ଼ ଅବକାରୀ ବିଭାଗ ଚୋରାମଦ କାରବାର ଚାଲୁଥିବା

■ ଦୁଇ କର୍ମଚାରୀ ଆହତ
■ ଅଟକ ଅବକାରୀ କର୍ମଚାରୀଙ୍କୁ ଉଦ୍ଧାର କଲା ପୁଲିସ୍

ଅଭିଯୋଗ ପାଇ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ୯ ହଜାର ୫୫୫ ଲିଟର ଗୁଡ଼ ପୋଚ ଏବଂ ୨୧୭୦ ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ ହେବା ସହ ସେଠାରେ ନଷ୍ଟ କରାଯାଇଥିଲା। ଏହାପରେ କର୍ମଚାରୀମାନେ ଡାଲୁଆ ଗ୍ରାମର ଦେଶୀମଦ ମାଫିଆ ରବୀନ୍ଦ୍ର ସ୍ୱାଇଁ ଓରଫ୍ ଭୁଟୁରୀଙ୍କୁ ଗିରଫ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ମାଫିଆ ଓ ସେମାନଙ୍କ ପ୍ରରୋଚନାରେ କିଛି ଦୁର୍ବୃତ୍ତ ଅବକାରୀ ଟିମ୍‌କୁ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ୧୦ଜଣ ମାଫିଆଙ୍କ ନାମରେ




ଅବକାରୀ ବିଭାଗ ପକ୍ଷରୁ ଖୁଣ୍ଟୁଣୀ ଥାନାରେ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଗତ ୨୦୨୩ ମସିହା ଜୁଲାଇ ୨୮ ତାରିଖରେ ଅବକାରୀ ବିଭାଗ ଡାଲୁଆ ଗ୍ରାମରେ ଚଢ଼ଉ କରୁଥିବା ସମୟରେ ଦେଶୀମଦ ମାଫିଆମାନେ ଆକ୍ରମଣ କରିଥିଲେ। ଏଥିରେ ଅବକାରୀ ବିଭାଗର ୬ଟି ଗାଡ଼ି ଭଙ୍ଗାରୁଜା କରିବା ସହ ୪ଜଣ ଅବକାରୀ କର୍ମଚାରୀ ଆହତ ହୋଇଥିଲେ। ସେତେବେଳେ ଅବକାରୀ ବିଭାଗ ୨୯ ଜଣଙ୍କ ନାମରେ ଖୁଣ୍ଟୁଣୀ ଥାନାରେ ଏତଲା କରିଥିଲେ। ଖୁଣ୍ଟୁଣୀ ପୁଲିସ କେବଳ ୪ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାରେ ବିଫଳ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ର ସ୍ୱାଇଁ ଓରଫ ଭୁଟୁରୀ ଖୁଲମ୍‌ଖୁଲା ବୁଲିବା ସହ ଦେଶୀମଦ ବେପାର ଚଳାଇଥିଲା। ଆଜି ଅବକାରୀ ବିଭାଗ ଉକ୍ତ ଗ୍ରାମରେ ଚଢ଼ଉ କରି ଭୁଟୁରୀକୁ ଗିରଫ କରି ଆଣୁଥିବା ସମୟରେ ଭୁଟୁରୀର ପରିବାରଲୋକ ଅବକାରୀ ବିଭାଗ ଉପରେ ଆକ୍ରମଣ କରିବା ସହ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ପରେ ରାସ୍ତା ଅବରୋଧ କରି ଅବକାରୀ ବିଭାଗର କର୍ମଚାରୀମାନଙ୍କୁ ଅଟକ ରଖିଥିଲେ। ଖବର ପାଇ ଖୁଣ୍ଟୁଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ ହଟାଇବା ସହ ଅବକାରୀ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ଦୁଇଜଣ କର୍ମଚାରୀ ଆହତ ହୋଇଥିବା ନେଇ କଟକ ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲ ସୂଚନା ଦେଇଛନ୍ତି। ଅପରାହ୍ଣରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଏବଂ ପୁରୁଷ ଆଠଗଡ଼ ଅବକାରୀ ବିଭାଗ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦେଇଥିଲେ। ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ମଲ୍ଲିକ, ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଧାରଣା ହଟିଥିଲା।

ଆଜିର ଏହି ଚଢ଼ଉରେ ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ସହିତ ଉପଅଧୀକ୍ଷକ ନିମାଇଁ ଚରଣ ସ୍ୱାଇଁ, ଅରୂପ ପାଣିଗ୍ରାହୀ, ଅବକାରୀ ନିରୀକ୍ଷକ ହେମନ୍ତ ମହାନନ୍ଦ, ଅଭିରାମ ସାହୁ, କମଳଲୋଚନ ପାଇକରାୟ, ରଙ୍କନିଧି ମଲ୍ଲିକ, ସବ୍ ଇନ୍ସପେକ୍ଟର ସୌମ୍ୟରଞ୍ଜନ ମାଝୀ, ଅଜିତ୍ କୁମାର ପାତ୍ର, ଜ୍ୟୋତିର୍ମୟୀ ଦାସଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଶ୍ରୀମନ୍ଦିରକୁ ପ୍ରବେଶ ବେଳେ ଧରାପଡ଼ିଲେ ଅଣହିନ୍ଦୁ ମହିଳା

**ପୁରୀ, ୨୩।୩ (ସମିସ):** ଜଣେ ଅଣହିନ୍ଦୁ ବିଦେଶୀ ମହିଳା ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରୁଥିବା ବେଳେ ଧରାପଡ଼ିଛନ୍ତି। ବାଇଶିପାହାଚ ନିକଟରେ ତାଙ୍କୁ ଜଣେ ସେବାୟତ ଚିହ୍ନିବା ପରେ ଅଟକାଇଥିଲେ। ପରେ ପୁଲିସ ଏବଂ ସେବାୟତ ତାଙ୍କୁ ସିଂହଦ୍ୱାର



ଥାନାକୁ ଆଣିଥିଲେ। ତାଙ୍କ ସହିତ ମଧ୍ୟ ଜଣେ ଯୁବକ ଥିଲେ। ପୁଲିସ ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ତେବେ ଶ୍ରୀମନ୍ଦିର ଭିତରକୁ ଅଣହିନ୍ଦୁଙ୍କ ପ୍ରବେଶ ନିଷିଦ୍ଧ ଥିବା ବେଳେ କିପରି ଅଣହିନ୍ଦୁ ପ୍ରବେଶ କଲେ, ସେନେଇ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଚତୁର୍ଥ ଶନିବାର ଯୋଗୁଁ ସକାଳୁ ଶ୍ରୀମନ୍ଦିରରେ ଭିଡ଼ ଥିଲା। ଏହି ଭିଡ଼ ଭିତରେ ସମ୍ପୃକ୍ତା ମହିଳା ମନ୍ଦିର ଭିତରକୁ ପ୍ରବେଶ କରୁଥିଲେ। ବାଇଶିପାହାଚରେ ଜଣେ ସେବାୟତ ତାଙ୍କୁ ଅଟକାଇଥିଲେ। ଅଣହିନ୍ଦୁଙ୍କ ମନ୍ଦିର ପ୍ରବେଶ ବୋଲି କହିବା ପରେ ସେଠାରେ ପୁଲିସ ବି ପହଞ୍ଚି ଯାଇଥିଲା। ତେଣୁ ସମ୍ପୃକ୍ତା ମହିଳା ଏବଂ ତାଙ୍କ ସହିତ ଥିବା ଜଣେ ଯୁବକଙ୍କୁ ସେବାୟତ ଓ ପୁଲିସ କର୍ମଚାରୀ ଧରି ସିଂହଦ୍ୱାର ଥାନାକୁ ଆଣିଥିଲେ। ମହିଳାଜଣଙ୍କ ପୋଲାଣ୍ଡ ନାଗରିକ ବୋଲି ଜଣାପଡ଼ିଛି। ତେବେ ସେ କାହିଁକି ଓ କିପରି ମନ୍ଦିର ଭିତରକୁ ପ୍ରବେଶ କରୁଥିଲେ, ସେନେଇ ପୁଲିସ୍ ତାଙ୍କୁ ପଚରାଉଚରା କରିଛି।

ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର କହିଛନ୍ତି, ସମ୍ପୃକ୍ତା ବିଦେଶୀ ମହିଳାଙ୍କ ପାସ୍‌ପୋର୍ଟ ଯାଞ୍ଚ କରାଯାଇଛି। ଗୋଟିଏ ଗ୍ରୁପ୍‌ରେ ସେ ଆସିଥିଲେ। ତାଙ୍କ

● ବାଇଶିପାହାଚରେ ଚିହ୍ନଟ କରି ଅଟକାଇଲେ ସେବାୟତ
● ସାଥୀରେ ଥିବା ଯୁବକଙ୍କ ସହ ମହିଳାଙ୍କୁ ଅଟକ

ସହିତ କିଛି ରାଜ୍ୟ ବାହାରର ଲୋକ ଥିଲେ। ମନ୍ଦିର ଭିତରକୁ ଅଣହିନ୍ଦୁଙ୍କ ପ୍ରବେଶ ଉପରେ କଟକଣା ଥିବା ସେ ଜାଣିନଥିଲେ। ଥାନାକୁ ଆଣିବା ପରେ ତାଙ୍କର ପାସ୍‌ପୋର୍ଟ ଆଦି କାଗଜପତ୍ର ଯାଞ୍ଚ କରାଯାଇଛି। ତାଙ୍କ ସହିତ ଜଣେ ତେଲଗୁ ଯୁବକ ଥିଲେ। ତେବେ ସମ୍ପୃକ୍ତା ମହିଳା ଭାରତ ବୁଲିବାକୁ ଆସିଛନ୍ତି। ସେ ୨୦୨୩ରେ ଭାରତ ଆସି ବୁଲି ଯାଇଥିଲେ। ଜଣେ ପର୍ଯ୍ୟଟକ ଭାବେ ସେ ଆସିଛନ୍ତି ବୋଲି ଅତିରିକ୍ତ ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି।

ସୂଚନାଥାଉ କି, ଶ୍ରୀମନ୍ଦିର ଭିତରକୁ କେବଳ ହିନ୍ଦୁ ହିଁ ପ୍ରବେଶ କରିପାରିବେ। ହେଲେ ଗତ ୩ ତାରିଖରେ ୫ ଜଣ ଅଣହିନ୍ଦୁ ବାଂଲାଦେଶୀ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ପ୍ରସାଦ ଧରି ଫେରିଥିଲେ। ତେବେ ମନ୍ଦିରକୁ ବାରମ୍ବାର ଅଣହିନ୍ଦୁଙ୍କ ପ୍ରବେଶ ନିଶ୍ଚିତ ଭାବେ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବିଆଇଇଟି ସୋସାଇଟି ସଭାପତି ପଦରୁ ପ୍ରୟାସକାନ୍ତିଙ୍କ ଇସ୍ତଫା

**ଭଦ୍ରକ,୨୩।୩(ସମିସ):** ଭଦ୍ରକର ବରପଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ବିଆଇଇଟି) ସୋସାଇଟି ସଭାପତି ପଦରୁ ପ୍ରୟାସକାନ୍ତି ସାମଲ ଇସ୍ତଫା ଦେଇଛନ୍ତି। ଏ ନେଇ ଆଜି ସନ୍ଧ୍ୟାରେ ସେ ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି।



ସୂଚନାଯୋଗ୍ୟ, ଶ୍ରୀ ସାମଲ ଏହି ବୈଷୟିକ ଶିକ୍ଷାନୁଷ୍ଠାନର ସଭାପତି ଭାବେ ୨୦୧୦ ମସିହାଠାରୁ ରହିଥିଲେ। ଗତ ୫ମାସ ଧରି କଲେଜର କର୍ମଚାରୀମାନେ ବକେୟା ଦରମା, ପୁନଃ ନିଯୁକ୍ତି ତଥା କଲେଜରେ ହୋଇଥିବା ଦୁର୍ନୀତି ବିରୋଧରେ ଓ ପ୍ରୟାସକାନ୍ତି ସାମଲଙ୍କ ଇସ୍ତଫାକୁ ନେଇ ଆନ୍ଦୋଳନ କରି ଆସୁଥିଲେ। ଗତ ୨୧ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଲେଜ ୧୦୦ ମିଟର ପରିଧି ପର୍ଯ୍ୟନ୍ତ ୧୪୪ ଧାରା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲଗାଯାଇଥିଲା। କଲେଜର ହିତ ଓ କର୍ମଚାରୀଙ୍କ ହିତ ଦୃଷ୍ଟିରୁ ସେ ସ୍ୱତଃପ୍ରବୃତ୍ତ ଭାବେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ ଶ୍ରୀ ସାମଲ ଏହି କଲେଜର ସୁପରିଚାଳନା ପାଇଁ ପ୍ରତି ୩ ମାସକୁ ଥରେ କଲେଜର ଅଧ୍ୟକ୍ଷ ଓ ପରିଚାଳନା କମିଟିକୁ ନେଇ ରିଭ୍ୟୁ ମିଟିଂ କରିବା ପାଇଁ ଭଦ୍ରକ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏଥିସହ କଲେଜ ସମସ୍ୟା ପ୍ରତି ଧ୍ୟାନ ଦେଇ କଲେଜ କିପରି ଆଗକୁ ବଢ଼ିବ, ସେ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ରଖିବାକୁ ସେ ନିବେଦନ କରିଛନ୍ତି। ଏହି ବୈଷୟିକ ଶିକ୍ଷାନୁଷ୍ଠାନ ଯେପରି ପୂର୍ବଭଳି ଓଡ଼ିଶାରେ ତା'ର ସୁନାମ ଫେରି ପାଇବା ସହ ଭଦ୍ରକବାସୀଙ୍କ ବିଶ୍ୱାସଭାଜନ ଲାଭ କରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ କହିଛନ୍ତି।

## ଇଟା ଫ୍ୟାକ୍ଟ୍ରି କର୍ମଚାରୀଙ୍କଠାରୁ ଦେଢ଼ ଲକ୍ଷ ଲୁଟ୍

**ଦେବଗଡ଼, ୨୩।୩(ସମିସ):** ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଅଧୀନ ପଳସମା କଲେଜ ନିକଟ ରାସ୍ତାରେ ଜଣେ ଇଟାଫ୍ୟାକ୍ଟ୍ରି କର୍ମଚାରୀ ଲୁଟ୍‌ର ଶିକାର ହୋଇଛନ୍ତି। ମୁଣ୍ଡରେ ପିସ୍ତଲ ଲଗାଇ ୨ଜଣ ଦୁର୍ବୃତ୍ତ ତାଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ରିଆମାଳ ଥାନା ପାଇକନଗର ଗ୍ରାମର କେଶବ ଘଡ଼େଇ ଓ ସାତକିଆରୀ ଗ୍ରାମର ଦୟାଲ ସିଂ ବଦ୍ରା ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଲକ୍ଷ୍ମୀଧରପୁର ଗ୍ରାମରେ ଥିବା ମହାମାୟା ଆସ୍ ବ୍ରିକ୍ସ ଫ୍ୟାକ୍ଟ୍ରିରେ କାମ କରନ୍ତି। ସେଠାରେ କାମ କରୁଥିବା ଅନ୍ୟ ପ୍ରାୟ ୧୫ ଶ୍ରମିକଙ୍କ ପାଉଣା ବାବଦକୁ କେଶବ ଦେଢ଼ ଲକ୍ଷ ଟଙ୍କା ବାଇକ୍‌ରେ ଧରି ନିଜ ଘର ପାଇକନଗର ଅଭିମୁଖେ ବାହାରିଥିଲେ। କରଲଗା-ପଳସମା ରାସ୍ତାରେ ୨ଜଣ ଦୁର୍ବୃତ୍ତ ତାଙ୍କଠାରୁ ଟଙ୍କା ଲୁଟି ନେଇଥିଲେ।

## ଦିଲ୍ଲୀରେ ବିଜେପି ସିଇସି ବୈଠକ

# ଓଡ଼ିଶାର ପ୍ରାର୍ଥିତ୍ୱକୁ ନେଇ ବ୍ୟାପକ ଆଲୋଚନା

**ଭୁବନେଶ୍ୱର, ୨୩।୩(ସମିସ):** ଆଜି ନୂଆଦିଲ୍ଲୀରେ ବିଜେପିର କେନ୍ଦ୍ରୀୟ ନିର୍ବାଚନ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବିଳମ୍ବିତ ରାତ୍ରି ଯାଏଁ ବୈଠକ ଜାରି ରହିଥିବା ବେଳେ ଶେଷ ଖବର ଅନୁଯାୟୀ ପ୍ରାୟ ୧୦ ରାଜ୍ୟର ୧୫୦ରୁ ଊର୍ଦ୍ଧ୍ୱ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଚୟନ ଉପରେ ବ୍ୟାପକ ବିଚାର ବିମର୍ଶ କରିଛନ୍ତି ଦଳର ଶୀର୍ଷ ନେତୃତ୍ୱ। ଏଥିରେ

**ଯୋଗଦେଲେ ମନମୋହନ-ମାନସ**

ଓଡ଼ିଶାର ବିଜେପି ପ୍ରାର୍ଥିତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିବା ବେଳେ ବିଳମ୍ବିତ ରାତ୍ରିରେ କିଛି ପ୍ରାର୍ଥୀଙ୍କ ନାମ ଘୋଷଣା ହେବାର ସମ୍ଭାବନା ରହିଛି। ନଚେତ୍ ଆସନ୍ତା ୧-୨ ଦିନ ମଧ୍ୟରେ ବିଜେପି ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିପାରେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଓଡ଼ିଶାର ୨୧ ଲୋକସଭା ଆସନ ଥିବା ବେଳେ ବିଜେପି ପକ୍ଷରୁ ଅତି କମ୍‌ରେ ୧୦ ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇପାରେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ସିଇସି ବୈଠକରେ ଯୋଗଦେବା ପାଇଁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସଂଗଠନ ସମ୍ପାଦକ ମାନସ ମହାନ୍ତି ଆଜି ସକାଳେ ଦିଲ୍ଲୀ ଯାତ୍ରା କରିଥିଲେ। ଉଭୟ ବୈଠକରେ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପ୍ରମୁଖ ଉପସ୍ଥିତ ଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ବିଜେପି ନିର୍ବାଚନ ଏବଂ କୋର୍ କମିଟି ବୈଠକରେ ସମ୍ଭାବ୍ୟ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହି ତାଲିକାକୁ ଧରି ମନମୋହନ ଦିଲ୍ଲୀ ଯାଇଥିବା ବେଳେ ବିଜେପି କେନ୍ଦ୍ରୀୟ କୋର୍ କମିଟି ବୈଠକରେ ତାଲିକାକୁ ନେଇ ବ୍ୟାପକ ବିଚାରବିମର୍ଶ ହୋଇଥିଲା। ତାଲିକାକୁ କାଣ୍ଟଛାଣ୍ଟ କରାଯାଇ ସିଇସିକୁ ପଠାଯାଇଥିବା ବେଳେ ଆଜି ଏହାକୁ ସିଇସି ମୋହର ମାରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# ରାଜଧାନୀ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଗଞ୍ଜେଇ ଜବତ; ଜଣେ ଗିରଫ

**ଭଦ୍ରକ, ୨୩।୩ (ସମିସ):** ଶୁକ୍ରବାର ରାତିରେ ଭଦ୍ରକ ରେଳଷ୍ଟେସନ୍‌ରେ ରାଜଧାନୀ ଏକ୍ସପ୍ରେସ୍‌ରୁ ୩୦ କେଜି ଗଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୫୧ହଜାର ୫ଶହ ଟଙ୍କା ହେବ ବୋଲି ସୂଚନା ମିଳିଛି। ଜଣେ ବିହାରୀ ଯୁବକ ୨ଟି ବ୍ୟାଗ୍‌ରେ ୩୦କେଜି ୩ଶହ ଗ୍ରାମ ଓଜନର ଗଞ୍ଜେଇ ନେଇ ରାଜଧାନୀ ଏକ୍ସପ୍ରେସ୍‌ରେ ନେଇ ଯାଉଥିବା ବେଳେ ଭଦ୍ରକ ଜିଆର୍‌ପି ପୁଲିସ ଏହାକୁ ଜବତ କରିଛି। ଗିରଫ ଯୁବକଙ୍କ ନାମ ନବନୀତ କୁମାର (୨୮)। ତାଙ୍କ ଘର ବିହାର ବୈଶାଳୀ ଜିଲ୍ଲାର ଖୋଜପୁର ଗ୍ରାମରେ। ନବନୀତ ଗଞ୍ଜେଇଭର୍ତ୍ତି ଦୁଇଟି ବ୍ୟାଗ୍ ନେଇ ଭୁବନେଶ୍ୱର ରେଳଷ୍ଟେସନରେ ରାଜଧାନୀ ଏକ୍ସପ୍ରେସ୍‌ରେ ଚଢ଼ିଥିଲା। ଭୁବନେଶ୍ୱର ଷ୍ଟେସନ ଆର୍‌ପିଏଫ କର୍ମଚାରୀ ତା' ହାବଭାବ ଦେଖିଇ ସନ୍ଦେହ କରିଥିଲେ। ଟ୍ରେନ୍ ଭୁବନେଶ୍ୱର ଷ୍ଟେସନ୍ ଛାଡ଼ିବା ପରେ ଭଦ୍ରକ ରେଳବାଇ ପୁଲିସକୁ ଏ ବାବଦରେ ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ସୂଚନା ପାଇବା ପରେ ଆଇଆଇସି ଆର୍‌ପିଏଫ୍ ପିସି ପଣ୍ଡା, ଆର୍‌ପିଏଫ୍




ଏସଆଇ ପ୍ରଭାତ କୁମାର ମହାପାତ୍ର ଓ ଅନ୍ୟ କର୍ମଚାରୀମାନେ ଏହି ଟ୍ରେନ୍‌କୁ ଜଗି ରହିଥିଲେ। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଏନ୍‌ଡିଏଲଏସ୍ ରେଳଷ୍ଟେସନକୁ ଗଞ୍ଜେଇ ଚାଲାଣ କରୁଥିଲା। ଭଦ୍ରକ ଏକ୍‌ଜ୍ୟୁକ୍ୟୁଟିଭ ମାଜିଷ୍ଟ୍ରେଟ ତହସିଲଦାର ସଂଗ୍ରାମ କେଶରୀ ଖୁଣ୍ଟିଆ ଷ୍ଟେସନରେ ପହଞ୍ଚିଥିଲେ। ପରେ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି ଜିଆର୍‌ପିକୁ ହସ୍ତାନ୍ତର କରିଥିଲେ। ଜିଆର୍‌ପି ଓଆଇସି ପି. ନାୟକ ଏନେଇ ଏକ ମାମଲା ରୁଜୁ କରି ନବନୀତକୁ କୋର୍ଟଚାଲାଣ କରିଛନ୍ତି।

# ପକ୍ଷୀଙ୍କ ନୂଆ ଭୂ-ସ୍ୱର୍ଗ ସୁବର୍ଣ୍ଣପୁର



ସୁବର୍ଣ୍ଣପୁରରେ ନୂଆ ଅତିଥିପକ୍ଷୀ ବ୍ଲୁ ଟେଲ୍‌ଡ ବି ଇଟର୍ (ଫଟୋ-ଦେବାଶିଷ)

■ ଗ୍ରୀଷ୍ମରେ ବି ଆସୁଛନ୍ତି ବିଭିନ୍ନ ପ୍ରଜାତିର ପକ୍ଷୀ
■ ଜଙ୍ଗଲରେ ବସା ବାନ୍ଧିଲେଣି

**ସୋନପୁର, ୨୩।୩ (ସମିସ):** ଚିଲିକାର ନଳବଣ, ଚଢ଼େଇଗୁହା, ବରଗଡ଼ ଜିଲ୍ଲାର ଗୋବିନ୍ଦପୁର ପକ୍ଷୀଗ୍ରାମ ପରେ ଏବେ ବିଦେଶାଗତ ପକ୍ଷୀଙ୍କ ଲାଗି ସୁବର୍ଣ୍ଣପୁର ଜିଲ୍ଲା ନୂଆ ଭୂ-ସ୍ୱର୍ଗ ପାଲଟିଛି। ଏଠାରେ ବିଚରଣ, ଖାଦ୍ୟ ଅନ୍ୱେଷଣ ତଥା ଅଣ୍ଡା ଫୁଟାଇବା ପାଇଁ ସମସ୍ତ ସୁବିଧା ପାଉଥିବାରୁ ଜାତି ଜାତିର ପକ୍ଷୀ ଆସି ବସା ବାନ୍ଧୁଛନ୍ତି। କେଉଁ ପକ୍ଷୀ ହାଡ଼ଭଙ୍ଗା ଶୀତକୁ ଖାତିର ନ କରି ଏ ମାଟିକୁ ଚାଲି ଆସେ ତ କାହାକୁ ଡହଡହ ଖରା ପସନ୍ଦ ଲାଗେ। ହାଡ଼ଭଙ୍ଗା ଶୀତରେ ୭ ଦରିଆ ୧୩ ନଈ ପାରି ହୋଇ ଯେଉଁଭଳି ଭାବେ କମନ୍ ମର୍ଗାନ୍ସର ସୋନପୁରକୁ ଆସନ୍ତି, ସେହିଭଳି ଖରା ବଢ଼ିଲେ କିଛି ପକ୍ଷୀ ନିଜ ଘର ବସାଇବାକୁ ଏ ମାଟି ପ୍ରତି ଆକର୍ଷିତ ହୋଇଥାଆନ୍ତି। ଏଠି ବସା ତିଆରି କରି ଅଣ୍ଡାଦାନ କରନ୍ତି। ଅଣ୍ଡାରୁ ଛୁଆ ଫୁଟିଲା ପରେ ନିଜ ସ୍ଥାୟୀ ବସାକୁ ଲେଉଟି ଯାଆନ୍ତି। ଏବେ ସୋନପୁରରେ ପ୍ରବଳ ଖରା ଅନୁଭୂତ ହେଲାଣି। ତେବେ ଖରା ଯେତିକି ହେଉ ନା କାହିଁକି, ପ୍ରତିବର୍ଷ ଜିଲ୍ଲାକୁ କିଛି ଅତିଥି ପକ୍ଷୀ ଆସନ୍ତି।

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ଏବେ ଇଣ୍ଡିଆନ ପାରାଡାଇଜ୍ ଫ୍ଲାଇ କେଚର ନାମକ ଏକ ସୁନ୍ଦର ପ୍ରଜାତିର ପକ୍ଷୀ ବସା ବାନ୍ଧିଲେଣି। ତେବେ ଏହି ପକ୍ଷୀ ଦେଖିବା ପାଇଁ ଯେତିକି ସୁନ୍ଦର, ତାହାର ଆଚରଣ ମଧ୍ୟ ସେତିକି ମନଲୋଭା। ପାଣିରେ ଲମ୍ଫ ପ୍ରଦାନ କରି ଏମାନଙ୍କ ଗାଧୋଇବା ଦୃଶ୍ୟ ଖୁବ୍ ନିଆରା ଏବଂ ଆକର୍ଷଣୀୟ। ଅର୍ଜୁନପୁର, ଉଣ୍ଡାର ମେଘନାଦ, ପାତାଳୀ, ବାରପାହାଡ଼ ଆଦି ଜଙ୍ଗଲରେ ଏମାନେ ବସା ବାନ୍ଧିଛନ୍ତି। ଏମାନେ ମାର୍ଚ୍ଚ ଶେଷ ସପ୍ତାହରେ ସୁବର୍ଣ୍ଣପୁର ଜିଲ୍ଲାକୁ ଆସି ସେପ୍ଟେମ୍ବର ମାସରେ ନିଜ ସ୍ଥାୟୀ ବସାକୁ ଲେଉଟି ଯାଆନ୍ତି। ଏମାନେ ସୋନପୁରର ବିଭିନ୍ନ ଜଙ୍ଗଲକୁ ଆସି ବସା ବାନ୍ଧି ସାରିଛନ୍ତି। ଏଠି ଅଣ୍ଡା ଦେଇ ଛୁଆ ଫୁଟାଇବେ। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ସପରିବାର ସ୍ଥାୟୀ ବସାକୁ ବାହୁଡ଼ିଯିବେ। ଏମାନେ ଉଡ଼ିଉଡ଼ି ମଶା, ମାଛି ଭଳି ବିଭିନ୍ନ ଉଡୁଥିବା ପୋକ ଖାଇଥାନ୍ତି। ଶୁଷ୍କ ଅଞ୍ଚଳରେ ବଂଶବିସ୍ତାର ପାଇଁ ଏମାନେ ପସନ୍ଦ କରିଥାନ୍ତି। ବସନ୍ତ ଋତୁର ଆଗମନ ହିଁ ଇଣ୍ଡିଆନ ପାରାଡାଇଜ୍ ଫ୍ଲାଇକେଚରଙ୍କୁ ସୁବର୍ଣ୍ଣପୁର ଜିଲ୍ଲାକୁ ଟାଣିଆଣେ। ଦକ୍ଷିଣ ଭାରତରୁ ସୋନପୁରକୁ ଇଣ୍ଡିଆନ ପାରାଡାଇଜ୍ ଫ୍ଲାଇ କେଚର ଆସୁଛନ୍ତି ବୋଲି ପକ୍ଷୀ ଗବେଷକ ଦିନେଶ ମିଶ୍ର କହିଛନ୍ତି। ତେବେ ଜଙ୍ଗଲ ଭିତରେ ଥିବା ଛୋଟଛୋଟ ଜଳାଶୟରେ ଏହି ପକ୍ଷୀଙ୍କ ଲମ୍ଫ ପ୍ରଦାନର ଦୃଶ୍ୟ ଜିଲ୍ଲାର ପକ୍ଷୀପ୍ରେମୀ ନିଜ କ୍ୟାମେରାରେ କଏଦ କରିଥାନ୍ତି। ଗ୍ରୀଷ୍ମ ହେଉ କି ଶୀତ; ସୋନପୁର ମାଟି ପ୍ରତି ପକ୍ଷୀଙ୍କ ଆକର୍ଷଣ ନିଆରା।

## ନିର୍ବାଚନ ଲାଗି କମିସନରେଟ ପୁଲିସର କସରତ

# ଦ୍ୱୈତ ନଗରୀରେ ୨୭୧ ସମ୍ବେଦନଶୀଳ ବୁଥ୍

**ଭୁବନେଶ୍ୱର, ୨୩।୩ (ସମିସ):** ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ତାରିଖ ପ୍ରକାଶ ପାଇବା ପରେ ପ୍ରାଶାସନିକ ସ୍ତରରେ କସରତ ଆରମ୍ଭ ହୋଇଗଲାଣି। ବୁଥ୍‌ଗୁଡ଼ିକ ଉପରେ ନଜର ରଖିବା ଲାଗି କମିସନରେଟ୍ ପୁଲିସ ପକ୍ଷରୁ ରଣନୀତି ପ୍ରସ୍ତୁତ ହୋଇଛି। ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ଲାଗି କମିସନରେଟ୍ ପୁଲିସ ଗୁରୁତ୍ୱ ଦେଉଛି।

■ ଜଟଣୀ ନିର୍ବାଚନମଣ୍ଡଳୀରେ ସର୍ବାଧିକ ସମ୍ବେଦନଶୀଳ ବୁଥ୍
■ ମତଦାନ କେନ୍ଦ୍ର ଜଗିବେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ
■ ପ୍ରାର୍ଥୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯିବା ଉପରେ ଗୁରୁତ୍ୱ

ଏହି କ୍ରମରେ ଦ୍ୱୈତନଗରୀରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପ୍ରାର୍ଥୀ ଓ ମତଦାତାଙ୍କ ସୁରକ୍ଷା ସହ ନିରପେକ୍ଷ ମତଦାନକୁ ପ୍ରାଧାନ୍ୟ ଦିଆଯାଇଛି। ଭୁବନେଶ୍ୱର ଓ କଟକ ସହରାଞ୍ଚଳରେ ମୋଟ୍ ୧୮୩୯ଟି ବୁଥ୍ ରହିଛି। ସେଥିମଧ୍ୟରୁ ୨୭୧ଟି ସମ୍ବେଦନଶୀଳ ବୁଥ୍ ରହିଛି। ଭୁବନେଶ୍ୱର ସହରାଞ୍ଚଳରେ ୧୧୧୭ଟି ବୁଥ୍ ରହିଥିବା ବେଳେ ୧୪୯ଟି ସମ୍ବେଦନଶୀଳ ବୁଥ୍ ରହିଛି। ଅନୁରୂପ ଭାବେ କଟକ ସହରାଞ୍ଚଳରେ ୭୨୨ଟି ବୁଥ୍‌ରୁ ୧୨୨ଟି ସମ୍ବେଦନଶୀଳ ରହିଛି। ପୂର୍ବରୁ ଘଟିଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବୁଥ୍‌ଗୁଡ଼ିକୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଭୁବନେଶ୍ୱର ସହରାଞ୍ଚଳର ମଧ୍ୟ ନିର୍ବାଚନ ମଣ୍ଡଳୀରେ ମୋଟ୍ ୧୯୯ଟି ବୁଥ୍‌ରୁ ୩୨ଟି ସମ୍ବେଦନଶୀଳ ବୁଥ୍, ଉତ୍ତର ନିର୍ବାଚନମଣ୍ଡଳୀରେ ମୋଟ୍ ୨୪୯ଟି ବୁଥ୍‌ରୁ ୨୭ଟି ସମ୍ବେଦନଶୀଳ ବୁଥ୍ ରହିଛି। ସେହିପରି ଏକାମ୍ର ନିର୍ବାଚନ ମଣ୍ଡଳୀରେ ୨୨୮ଟି ବୁଥ୍‌ରୁ ୨୯ଟି ସମେଦନଶୀଳ ବୁଥ୍ ଏବଂ ଜଟଣୀ ନିର୍ବାଚନମଣ୍ଡଳୀର ୨୦୫ଟି ବୁଥ୍‌ରୁ ସର୍ବାଧିକ ୩୫ଟି ସମ୍ବେଦନଶୀଳ ବୁଥ୍ ରହିଛି।

ଦ୍ୱୈତନଗରୀରେ ଚିହ୍ନଟ କରାଯାଇଥିବା ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ବୁଥ୍‌ଗୁଡ଼ିକରେ ଜଣେ ଲେଖାଏଁ ମାଇକ୍ରୋ-ଅବ୍‌ଜରଭର୍ ଓ କେନ୍ଦ୍ରୀୟ ପୁଲିସ ଫୋର୍ସ ଏବଂ ୱେବ୍‌କାଷ୍ଟିଂ ବାଧ୍ୟତାମୂଳକ କରାଯାଇଛି। ନିର୍ବାଚନ ସମୟରେ ଭୁବନେଶ୍ୱରରେ ପ୍ରାର୍ଥୀଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ପ୍ରାର୍ଥୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ବ୍ୟାପକ ପଦକ୍ଷେପ ନିଆଯାଉଛି। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ନେତାଙ୍କ ସୁରକ୍ଷାକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଛି। ଆବଶ୍ୟକତା ଅନୁଯାୟୀ, ସମସ୍ତଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ। ପ୍ରଚାର ସମୟ ହେଉ କି ମତଦାନ; ଅଘଟଣ ଘଟିଲେ ଭିଡିଓ ସର୍ଭେଲାନ୍ସ ୟୁନିଟ୍, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, ଫ୍ଲାଇଙ୍ଗ୍‌ସ୍କ୍ୱାଡ୍, କୁଇକ୍ ରିଆକ୍ସନ ଟିମ୍ ପ୍ରସ୍ତୁତ ରହିଛନ୍ତି। ନାମାଙ୍କନ ଦାଖଲ ପରେ ଆହୁରି ଏହାକୁ କଡ଼ାକଡ଼ି କରାଯିବ।

### ଦ୍ୱୈତ ନଗରୀରେ ୪୧୧୯ ଜଣଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ

ଦ୍ୱୈତନଗରୀରେ ୪୧୧୯ ଜଣଙ୍କ ନାମରେ ଜାମିନ୍ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଛି। ଭୁବନେଶ୍ୱର ସହରାଞ୍ଚଳରେ ୨୯୩୪ଜଣଙ୍କ ନାଁରେ ୱାରେଣ୍ଟି ଜାରି ହୋଇଥିବା କଟକ ସହରାଞ୍ଚଳରେ ୧୧୮୫ଜଣଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ନାଁରେ ବିଭିନ୍ନ ଥାନାରେ ୱାରେଣ୍ଟି ରହିଛନ୍ତି। ଏବେ ସେଇ ସବୁ ୱାରେଣ୍ଟ ଥିବା ଦାଗୀଙ୍କର ତଥ୍ୟ କମିସନରେଟ୍ ପୁଲିସ୍‌ର ୱେବ୍‌ସାଇଟ୍‌ରେ ସାର୍ବଜନୀନ କରାଯାଇଛି। ଏହି ସମସ୍ତ ୱାରେଣ୍ଟିଙ୍କ ବିଷୟରେ ତଥ୍ୟ ପାଇଲେ ପୁଲିସକୁ ଜଣାଇବା ଲାଗି ପୁଲିସ୍ କମିସନରଙ୍କ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଶତପ୍ରତିଶତ ୱାରେଣ୍ଟିଙ୍କୁ ଗିରଫ କରି କୋର୍ଟରେ ହାଜର ଲାଗି ଲକ୍ଷ୍ୟ ରଖିଛି କମିସନରେଟ ପୁଲିସ। ନିଶାମାଫିଆ, ଜଘନ୍ୟ ଅପରାଧୀ, ପେସାଦାର ଲୁଟେରା ଓ ବିଭିନ୍ନ ଠକଙ୍କ ବିରୋଧରେ ୱାରେଣ୍ଟି ଜାରି ହୋଇଥିବାରୁ ଆଗକୁ ନିସ୍ତାର ମିଳିବନି।

### ବନ୍ଧୁକ ଫେରାଇବା ଲାଗି କଡ଼ା ନିର୍ଦ୍ଦେଶ

ନିର୍ବାଚନ ସମୟରେ ପ୍ରତିଟି ଦିଗ ଉପରେ ଧ୍ୟାନ ଦିଆଯାଉଛି। ଦ୍ୱୈତନଗରେ ବନ୍ଧୁକ ଲାଇସେନ୍ସ ନେଇଥିବା ସମସ୍ତ ଲାଇସେନ୍ସଧାରୀ ବନ୍ଧୁକକୁ ଥାନାରେ ଦାଖଲ କରିବାକୁ କୁହାଯାଇଛି। ଭୁବନେଶ୍ୱରରେ ୩୮୮ଟି ଓ କଟକରେ ୭୦୦ ବନ୍ଧୁକ ଫେରସ୍ତ ଲାଗି ଲାଇସେନ୍ସଧାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ନିକଟସ୍ଥ ଥାନାରେ ବନ୍ଧୁକ ଦାଖଲ କରିବାକୁ କୁହାଯାଇଥିଲା। ଏଥିରେ ସାମାନ୍ୟ ବିଳମ୍ବ ହେବାରୁ ସମସ୍ତ ବନ୍ଧକ ଲାଇସେନ୍ସଧାରୀଙ୍କୁ ତାଗିଦ୍ କରାଯାଇଛି। ନାମାଙ୍କନ ଦାଖଲ ସହ ପ୍ରଚାର ଆରମ୍ଭ ହେବା ସମୟ ଅବଧି ଭିତରେ ବନ୍ଧୁକ ଫେରସ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୫୩ ● ପାଉଣ୍ଡ ୧୦୫.୨୭
- ୟୁରୋ ୯୦.୪୫ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୧,୨୫୦ (ନୂଆଦିଲ୍ଲୀ)
- ରୁପା : ୮୦,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୨,୮୩୧.୦୦
- ନିଫ୍ଟି ୨୨,୦୯୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ୧୧,୪୮୪ କୋଟିର ବଣ୍ଡ କିଣିଛନ୍ତି ୭୭୧ କମ୍ପାନୀ

ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି)



ନିର୍ବାଚନୀ ବଣ୍ଡକୁ ନେଇ ଦିନକୁ ଦିନ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଏସ୍‌ବିଆଇ ତଥ୍ୟ ଅନୁଯାୟୀ ମୋଟ ୧୨୬୩ ଜଣ ୧୨, ୧୫୫ କୋଟି ଟଙ୍କାର ବଣ୍ଡ କ୍ରୟ କରିଛନ୍ତି। ଏମାନଙ୍କ ମଧ୍ୟରେ ୭୭୧ କମ୍ପାନୀ ସାମିଲ ଅଛନ୍ତି। ଏହି କମ୍ପାନୀ ୧୧, ୪୮୪ କୋଟିର ବଣ୍ଡ କିଣିଛନ୍ତି। ଏଥିରୁ ଅଧା ଟଙ୍କା ଶୀର୍ଷ ୨୨ କମ୍ପାନୀ ଦେଇଛନ୍ତି। ଏମାନଙ୍କ କାରବାର ଟ୍ରେଡିଂ, ଖଣି, ଧାତୁ, ରିୟଲ ଇଷ୍ଟେଟ, ନିର୍ମାଣ, ଶକ୍ତି ଏବଂ ଦୂରସଞ୍ଚାରରୁ ନେଇ ଫାର୍ମାସ୍ୟୁଟିକାଲ୍ସ ପର୍ଯ୍ୟନ୍ତ ବ୍ୟାପିଛି। ଟ୍ରେଡିଂ ସେକ୍ଟର ସମ୍ବନ୍ଧିତ କମ୍ପାନୀ ସର୍ବାଧିକ ୨୯୫୫ କୋଟି ଟଙ୍କାର ଦାନ ଦେଇଛନ୍ତି। ଏଥିରୁ ସର୍ବାଧିକ ୯୬୩ କୋଟି ଟଙ୍କା ବିଜେପିକୁ ମିଳିଛି। ସର୍ବାଧିକ ଚାନ୍ଦା ଦେଇଥିବା କମ୍ପାନୀ ମଧ୍ୟରେ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ ଦ୍ୱିତୀୟ ସ୍ଥାନରେ ରହିଛି। ଏହି କମ୍ପାନୀ ୨୦୨୦ ଅକ୍ଟୋବରରେ ୨୦ କୋଟି ଟଙ୍କା ଚାନ୍ଦା ଦେଇଥିଲା। ରିପୋର୍ଟ ଅନୁଯାୟୀ ସେହି ବର୍ଷ ଅକ୍ଟୋବର-ନଭେମ୍ବରରେ କମ୍ପାନୀକୁ ୪,୫୦୦ କୋଟି ଟଙ୍କାର ଏସିଆର ସବୁଠାରୁ ଲମ୍ବା ଜୋଜିଲା ପାସ୍ ଟନେଲର ଠିକା ମିଳିଥିଲା। ପରେ ମାର୍ଚ୍ଚ ୨୩ରେ ଏହି କମ୍ପାନୀ ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସରେ ବୁଲେଟ ଟ୍ରେନ ଷ୍ଟେସନ ପାଇଁ ୩,୬୮୧ କୋଟି ଟଙ୍କାର ଠିକା ପାଇଥିଲା। ଏହାର ମାସେ ପରେ ୨୦୨୩ ଏପ୍ରିଲରେ ୧୪୦ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ କିଣିଥିଲା। ସେହିପରି ୨୦୧୯ରେ ଏହି କମ୍ପାନୀକୁ ୪,୩୫୮ କୋଟି ଟଙ୍କାର ପୋଲାଭରମ ପ୍ରକଳ୍ପର ଠିକା ମିଳିଥିଲା। ଏହାର ଠିକ୍ ପୂର୍ବରୁ ୨୦୧୯ ଅକ୍ଟୋବରରେ କମ୍ପାନୀ ୫ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କିଣିଥିଲା। ନିର୍ବାଚନ କମିଶନ ଜାରି କରିଥିବା ରିପୋର୍ଟ ଅନୁଯାୟୀ ଏହି କମ୍ପାନୀ ୨୦୧୯ରେ ମୋଟ ୧୩୦ କୋଟିର ବଣ୍ଡ କିଣିଥିଲା। ଏଥିରୁ ୧୨୫ କୋଟି ଟଙ୍କା ବିଜେପିକୁ ଏବଂ ୫ କୋଟି ଟଙ୍କା କଂଗ୍ରେସକୁ ଦେଇଥିଲା। ୧୦ କମ୍ପାନୀ ପ୍ରମୁଖ ୩ ଦଳ ବିଜେପି, କଂଗ୍ରେସ ଏବଂ ଟିଏମ୍‌ସିକୁ ଅଧାରୁ ଅଧିକ ଚାନ୍ଦା ଦେଇଛନ୍ତି। ବିଜେପିକୁ ମୋଟ ୬୦୬୦.୫୧ କୋଟି ଟଙ୍କାର ଚାନ୍ଦା ମିଳିଛି। ଏଥିରୁ ୨,୨୮୮ କୋଟି ଟଙ୍କା କେବଳ ଶୀର୍ଷ ୧୦ କମ୍ପାନୀ ଦେଇଛନ୍ତି। ସେହିପରି କଂଗ୍ରେସକୁ ୧୪୨୧ କୋଟି ଟଙ୍କାର ବଣ୍ଡ ମିଳିଛି। ପ୍ରମୁଖ ୧୦ କମ୍ପାନୀ ଏଥିରୁ ୬୧୫ କୋଟି ଟଙ୍କା ଦେଇଛନ୍ତି। ଟିଏମ୍‌ସିକୁ ମୋଟ ୧୬୦୯. ୫୩ କୋଟି ଟଙ୍କା ମିଳିଥିବାବେଳେ ପ୍ରମୁଖ ୧୦ କମ୍ପାନୀ ୧୧୬୦ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ଏସ୍‌ବିଆଇ ତଥ୍ୟ ଅନୁଯାୟୀ ଏପରି ଅନେକ କମ୍ପାନୀ ଅଛନ୍ତି ଯେଉଁମାନେ ଲାଭଠାରୁ ଢେର ଗୁଣ ଅଧିକ ଚାନ୍ଦା ଦେଇଛନ୍ତି। ଏହା ମଧ୍ୟରେ ଫ୍ୟୁଚର ଗେମିଂ ରହିଛି। ଏହି କମ୍ପାନୀ ୧୩୬୮ କୋଟି ଟଙ୍କାର ଚାନ୍ଦା ଦେଇଥିଲା। ତେବେ ୨୦୨୦ରୁ ୨୦୨୪ ମଧ୍ୟରେ ଏହାର ନିଟ୍ ଲାଭ ମାତ୍ର ୨୧୫ କୋଟି ଟଙ୍କା ଥିଲା। କ୍ୱିକ୍ ସପ୍ଲାଇ ଚେନ୍ ପ୍ରାଇଭେଟ ଲିମିଟେଡ ୨୦୨୩ ଆର୍ଥିକ ବର୍ଷରେ ମାତ୍ର ୨୨ କୋଟି ଟଙ୍କା ଆୟ କରିଥିବା ଦର୍ଶାଇ ଥିଲା। କିନ୍ତୁ ଏହି କମ୍ପାନୀ ୪୧୦ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କିଣିଥିଲା। ସୁପ୍ରିମକୋର୍ଟଙ୍କ ପର୍ଯ୍ୟବେକ୍ଷଣରେ ଏହି ମାମଲାର ତଦନ୍ତ ହେଉ ବୋଲି ଏଡିଆରର ପ୍ରତିଷ୍ଠାତା ସଦସ୍ୟ ଜଗଦୀପ ଛୋକର ଦାବି କରିଛନ୍ତି। ସେହିପରି ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ ଯେଉଁ କମ୍ପାନୀଙ୍କୁ ବିଜେପି ସରକାର ୬୨ ହଜାର କୋଟି ଟଙ୍କାର ଠିକା ଦେଇଥିଲେ, ସେହି କମ୍ପାନୀ ଏହି ଦଳକୁ ୧,୭୫୧ କୋଟି ଟଙ୍କାର ଚାନ୍ଦା ଦେଇଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି ଯେ କୌଣସି ଦଳ ଟଙ୍କା ବିନା ଚଳିପାରିବ ନାହିଁ। କିଛି ଦେଶ ରାଜନୈତିକ ଦଳଙ୍କୁ ଟଙ୍କା ଦେଇଥାନ୍ତି। ତେବେ ଆମ ଦେଶରେ ଏଭଳି କୌଣସି ବ୍ୟବସ୍ଥା ନାହିଁ। ଏଥିପାଇଁ ୨୦୧୭ରେ ଭଲ ଉଦ୍ଦେଶ୍ୟ ରଖି ନିର୍ବାଚନୀ ବଣ୍ଡ ଯୋଜନା ଅଣା ଯାଇଥିଲା। ସେହିପରି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ସରକାରୀ ଦଳ ଇଲେକ୍ଟୋରାଲ ବଣ୍ଡ ଦ୍ୱାରା ଦୁର୍ନୀତିକୁ ବୈଧାନିକ କରିଦେଇଥିଲା। ଚନ୍ଦା ଦେଇ ଧନ୍ଦା ନିଅ ନୀତି ଆପଣାଇ ଥିଲା। ସୁପ୍ରିମକୋର୍ଟଙ୍କ ଅନୁଧ୍ୟାନରେ ଏହି ମାମଲାର ଯାଞ୍ଚ ହେଉ ବୋଲି ସେ ଦାବି କରିଛନ୍ତି।

## ଟାଟା ପାୱାରର ୪ ବିତରଣ କମ୍ପାନୀଙ୍କ ଦକ୍ଷତାଭିତ୍ତିକ ତାଲିମ କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୩।୩(ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ସ୍ଥାପନ ହୋଇଥିବା ଚାରିଟି ଯୌଥ ଉଦ୍ୟୋଗ ତଥା ଟାଟା ପାୱାର ନେତୃତ୍ୱାଧୀନ ବିତରଣ କମ୍ପାନୀସମୂହ ଓଡ଼ିଶାର ବିଭିନ୍ନ ସ୍ଥାନରେ ଧନ୍ଦାମୂଳକ ତାଲିମ କେନ୍ଦ୍ରଗୁଡ଼ିକ ଜରିଆରେ ୪୫୦୦ରୁ ଅଧିକ ଲୋକଙ୍କୁ ତାଲିମ ପ୍ରଦାନ କରଛନ୍ତି। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଅଭିଯାନ ଅଧାରରେ ପ୍ରସ୍ତୁତ ଏହି ଦକ୍ଷତା ବିକାଶ ପରିବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଯୁବବର୍ଗଙ୍କ ପାଇଁ ନୂଆ ପଥ ପ୍ରଶସ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମଗୁଡ଼ିକରେ ଇଲେକ୍ଟ୍ରିସିଆନ୍, ସ୍ୱାସ୍ଥ୍ୟସେବା, ବିଉଟିସିଆନ୍ ଏବଂ ଆନୁଷଙ୍ଗିକ ଜୀବିକା କାର୍ଯ୍ୟକ୍ରମ ଭଳି ବିଭିନ୍ନ ତାଲିମ ପ୍ରଦାନ କରାଯାଉଛି ଯାହାର ଲକ୍ଷ୍ୟ ଯୁବବର୍ଗଙ୍କ ନିଯୁକ୍ତି ହାସଲ କ୍ଷମତାକୁ ବଢ଼ାଇ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ମଧ୍ୟରେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା। ମୋଟ ୯ଟି ଧନ୍ଦାମୂଳକ ତାଲିମ କେନ୍ଦ୍ରକୁ ଓଡ଼ିଶାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା ଯାଜପୁରର କପାଶି ଛକ, ବାଲେଶ୍ୱର, ମୟୂରଭଞ୍ଜର ଚଢ଼େଇପାହାଡ଼ି ଓ ରାଇରଙ୍ଗପୁର, ଭବାନୀପାଟଣା, ବୁର୍ଲା, ଅନୁଗୋଳ, ଖୋର୍ଦ୍ଧା, କଟକ ର ନରାଜ ଓ ଆସ୍କାରେ ସ୍ଥାପନ କରାଯାଇଛି ଯାହା ସାମାଜିକ-ଅର୍ଥନୈତିକ ବିକାଶର ବାର୍ତ୍ତାବହ ହୋଇପାରିଛି। ଏହି କେନ୍ଦ୍ରଗୁଡିକରେ ମୋଟ ଆବଶ୍ୟକତାର ପୂରଣ ଲାଗି ପ୍ରସ୍ତୁତ କରାଯାଇଥିବା ବ୍ୟାପକ ପାଠ୍ୟକ୍ରମ ପ୍ରଦାନ କରାଯାଉଛି।ପ୍ରମୁଖ ସ୍ଥଳରେ ସ୍ଥାପନ କରାଯାଇଥିବା ମୁଖ୍ୟ ତାଲିମ କେନ୍ଦ୍ରଗୁଡ଼ିକରେ ଧନ୍ଦାମୂଳକ ତାଲିମ ପାଇଁ ବ୍ୟାପକ ସମ୍ବଳ ରହିଛି ଏବଂ ଏହି କେନ୍ଦ୍ରଗୁଡ଼ିକ ତାଲିମ ଦେବାରେ ପ୍ରମୁଖ ଭୂମିକା ବହନ କରୁଛନ୍ତି।ସେହିଭଳି ଦୁର୍ଗମ ବ୍ଲକ ଓ ଆଖପାଖ ଜିଲ୍ଲାରେ ସ୍ଥାପନ କରାଯାଇଥିବା ସ୍ଥାନୀୟ ତାଲିମ କେନ୍ଦ୍ର ଦକ୍ଷତା ବିକାଶ, ଗୋଷ୍ଠୀ ସମ୍ପୃକ୍ତି ଓ ସଚେତନତା ଶିବିର ଆଦି ପାଇଁ କାର୍ଯ୍ୟ କରୁଛି।

## ଏଚ୍‌ଡିଏଫ୍‌ସି ପରିବର୍ତ୍ତନ ଷ୍ଟାର୍ଟଅପ୍ ଅନୁଦାନର ବିଜେତା ଘୋଷିତ

ଭୁବନେଶ୍ୱର, ୨୩।୩(ସମିସ): ଅଗ୍ରଣୀ ଟେକ୍ନୋଲୋଜି ବିଜ୍‌ନେସ ଇନ୍‌କ୍ୟୁବେଟର୍ ଏଆଇସି-ନାଳନ୍ଦା ପକ୍ଷରୁ ଏଚ୍‌ଡିଏଫ୍‌ସି ପରିବର୍ତ୍ତନ ଷ୍ଟାର୍ଟଅପ୍ ଅନୁଦାନ ଟିମ୍ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଏହି ଅନୁଦାନ "ସ୍ମାର୍ଟ ସିଟିଗୁଡ଼ିକ ପାଇଁ ସବୁଜ ସମାଧାନ ନିର୍ମାଣ କରିବା' ଉପରେ ଗୁରୁତ୍ୱ ଦେଉଥିବା ଷ୍ଟାର୍ଟଅପଗୁଡିକୁ ସହଯୋଗ କରିବା ପାଇଁ ଉତ୍ସର୍ଗୀକୃତ। ଏକ ଜଟିଳ ଚୟନ ପ୍ରକ୍ରିୟା ପରେ ଏଆଇସି-ନାଳନ୍ଦା ପରିବର୍ତ୍ତନ କୋହର୍ଟ ୧.୦ ପ୍ରୋଗ୍ରାମରେ ଅଂଶଗ୍ରହଣ କରିବା ପାଇଁ ୭୦ ଜଣ ଆବେଦନକାରୀଙ୍କ ମଧ୍ୟରୁ ଶୀର୍ଷ ୧୦ଟି ଷ୍ଟାର୍ଟଅପ୍‌କୁ ଚୟନ କରିଥିଲା। ଏହି ପ୍ରୋଗ୍ରାମରେ ମାର୍ଚ୍ଚ ୨୦୨୪ରେ ଏସ୍‌ଆଇଜିଏମ୍‌ଏ ଷ୍ଟାର୍ଟଅପ୍ ଆକ୍ସିଲରେଟର ପ୍ରୋଗ୍ରାମ ନାମକ ଏକ ବିସ୍ତୃତ ୨ ସପ୍ତାହ ଅବଧି ବିଶିଷ୍ଟ, ୧୦-ଅଧିବେଶନର କ୍ଷମତା-ନିର୍ମାଣ ପଦକ୍ଷେପ ସାମିଲ ରହିଛି। ଉଲ୍ଲେଖନୀୟ



ଭାବେ, ଏହି ପ୍ରୋଗ୍ରାମରେ ସୋସିଆଲ ଆଲ୍‌ଫା, ଇନ୍‌ଫ୍ଲେକ୍ସନ ପଏଂଟ୍ ଭେଞ୍ଚର୍ସ ଓ ଫ୍ଲୁଇଡ ଭେଞ୍ଚର୍ସ ଭଳି ପ୍ରଖ୍ୟାତ ଭେଞ୍ଚର କ୍ୟାପିଟାଲିଷ୍ଟ ଫାର୍ମଗୁଡିକରୁ ୧୦ ଜଣ ମେଣ୍ଟର ଓ ପ୍ରତିଷ୍ଠିତ ନିବେଶକଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଛି। ଏହି ପଦକ୍ଷେପର କାର୍ଯ୍ୟକାରିତା ବହୁପ୍ରତୀକ୍ଷିତ ୱିନର୍ ଆନାଉନ୍ସମେଣ୍ଟ ଡେ' ଦ୍ୱାରା ଚିହ୍ନିତ ହୋଇଥିଲା, ଯେଉଁଠାରେ କୋହର୍ଟର ୪ଟି ଉଲ୍ଲେଖନୀୟ ଷ୍ଟାର୍ଟଅପ୍‌କୁ ସମ୍ମାନିତ କରାଯାଇଥିଲା। ରିସାଇକେଲ ପେ', ଆର୍କ ରୋବୋଟିକ୍ସ, ପ୍ୟାଡ୍‌ଭର୍ସ ଓ କୋକୋ ବୋର୍ଡସ୍ ଆର୍ଥିକ ଅନୁଦାନ ପାଇବା ପାଇଁ ବିଜେତା ଘୋଷିତ ହୋଇଥିଲେ। ଏହି ସଫଳତା ଉପରେ ମତପ୍ରକାଶ କରି ଏଆଇସି-ନାଳନ୍ଦାର ସିଇଓ ଦୁର୍ଗା ପ୍ରସାଦ ସଦ୍ୟତମ ଘୋଷଣା ସମ୍ପର୍କରେ ନିଜର ଉତ୍ସାହ ବ୍ୟକ୍ତ କରିଥିଲେ ଏବଂ ଏହି ସମର୍ଥିତ ଷ୍ଟାର୍ଟଅପ୍‌ଗୁଡିକ କିଭଳି ସ୍ଥାୟିତ୍ୱ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିବେ, ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଏଚଡିଏଫସି ବ୍ୟାଙ୍କର ଉପାଧ୍ୟକ୍ଷ ନିଖିଳ ପାତ୍ର କହିଛନ୍ତି, ରାଜ୍ୟର ଷ୍ଟାର୍ଟଅପ୍ ଗୁଡ଼ିକୁ ସିଏସ୍‌ଆର୍ ଅନୁଦାନ ପ୍ରଦାନ ପାଇଁ ଏଆଇସି-ନାଳନ୍ଦା ସହ ସହଯୋଗ କରି ଆମେ ଆନନ୍ଦିତ। ଆମେ ଓଡ଼ିଶାଯାତ୍ରାର ସପ୍ତମ ବର୍ଷରେ ଅଛୁ ଏବଂ ଏଥର ୪ଟି ଷ୍ଟାର୍ଟଅପ୍ ଚୟନ କରାଯାଇଛି, ଯେଉଁମାନଙ୍କୁ ଆମେ ୩୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛୁ।

**କଳିଙ୍ଗ ହସ୍ପିଟାଲର ସଂପ୍ରସାରିତ ସେବା ପ୍ରକଳ୍ପ ଲୋକାର୍ପିତ**

## ଡ. ଏସ୍ କେ ଦାସ ବ୍ଲକ୍ ଉଦ୍‌ଘାଟିତ




ଭୁବନେଶ୍ୱର,୨୩।୩(ଏଜେନ୍ସି): କଳିଙ୍ଗ ହସ୍ପିଟାଲର ସଂପ୍ରସାରିତ ଅତ୍ୟାଧୁନିକ ସେବା ସୁବିଧା ପ୍ରକଳ୍ପକୁ ରାଜ୍ୟପାଳ ରଘୁବର ଦାସ ଉଦ୍‌ଘାଟନ କରିଛନ୍ତି। ରାଜ୍ୟର ଏକ ଅଗ୍ରଣୀ ହସ୍ପିଟାଲ ଭାବେ କଳିଙ୍ଗ ହସ୍ପିଟାଲକୁ ରୋଗୀ ସେବା କ୍ଷେତ୍ରରେ ଆହୁରି ସୁବିଧାଜନକ କରିବା ଉଦ୍ଦେଶ୍ୟରେ ଏହି ସଂପ୍ରସାରିତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହି ଅବସରରେ ଡ. ଏସ କେ ଦାସ ନୂତନ ବ୍ଲକ୍‌ର ମଧ୍ୟ ଉନ୍ମୋଚନ କରାଯାଇଛି। ସଂପ୍ରସାରିତ ପ୍ରକଳ୍ପ ମଧ୍ୟରେ ଅତ୍ୟାଧୁନିକ ସୁବିଧା ସହିତ ୫୦ ଶଯ୍ୟା ସାମିଲ ରହିଛି। ସେହିପରି ଉନ୍ନତ ଅର୍ଥୋ ସାଇନ୍ସ, ନ୍ୟୁରୋ ସାଇନ୍ସ, ରେନେଲ ସାଇନ୍ସ ଏବଂ ଗ୍ୟାଷ୍ଟ୍ରୋ ସାଇନ୍ସକୁ ନେଇ ୪ଟି ଅତିରିକ୍ତ ଓଟି ବ୍ୟବସ୍ଥା କରାଯାଇଛି ଯେଉଁଥିରେ ରୋଗୀମାନଙ୍କୁ ଉନ୍ନତ ଆସ୍ତ୍ରୋପଚାର ସୁବିଧା ମିଳିପାରିବ। ଅତ୍ୟାଧୁନିକ ଜ୍ଞାନ କୌଶଳ ଏବଂ ଉନ୍ନତ ଉପକରଣ ସହିତ କେନ୍ଦ୍ରୀୟ ସେବା ବିଭାଗ(ସିଏସଏସଡି)ରେ କିଡନୀ ପ୍ରତିରୋପଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାଜ୍ୟ ଏବଂ ରାଜ୍ୟ ବାହାରର ଲୋକମାନଙ୍କୁ ଉନ୍ନତ ଏବଂ ଗୁଣାତ୍ମକ ସେବା ଯୋଗାଇ ଦେବା କ୍ଷେତ୍ରରେ କଳିଙ୍ଗ ହସ୍ପିଟାଲ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଥିବାରୁ ରାଜ୍ୟପାଳ ରଘୁବର ଦାସ ଏହାର ଅଧ୍ୟକ୍ଷ ଡାକ୍ତର ସୀତକଣ୍ଠ ଦାଶଙ୍କୁ ପ୍ରଶଂସା କରିଛନ୍ତି।

## ବିଜନେସ୍ ଏମିନେନ୍ସ ଆୱାର୍ଡ ୨୦୨୪

ଭୁବନେଶ୍ୱର, ୨୩।୩(ସମିସ): ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ବିଜନେ୍ ଏମିନେନ୍ସ ଆୱାର୍ଡ ୨୦୨୪ ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ବିଜନେସ ଏମିନେନ୍ସ ଆୱାର୍ଡର ଏହି ଚତୁର୍ଥ ସଂସ୍କରଣରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ସ୍ୱାଗତ ଭାଷଣ ଦେବା ସହିତ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଲୋକେଟ୍ରାନିକ୍ସ ଏବଂ ସୂଚନାପ୍ରଯୁକ୍ତିବିଭାଗପ୍ରମୁଖସଚିବମନୋଜ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଟେକ୍ନୋଲୋଜିର ଆବଶ୍ୟକତା ଏବେ ସବୁଠି ରହିଛି। ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପ, ସିଙ୍ଗାପୁର ଭଳି ଦେଶଗୁଡ଼ିକ ଶୀଘ୍ର ଟେକ୍ନୋଲୋଜିକୁ ଆପଣେଇ ପାରୁଛନ୍ତି। କିନ୍ତୁ ଚାଇନା ଏବଂ ଭାରତ ଭଳି ଦେଶ ପ୍ରତିମୁହୂର୍ତ୍ତରେ ଜନସଂଖ୍ୟା ଭଳି ସମସ୍ୟା ପାଇଁ ଶୀଘ୍ର ପହଞ୍ଚିପାରୁ ନାହାନ୍ତି। ଏହା ହୋଇପାରିଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପ୍ରତିରକ୍ଷା ଭଳି ତିନୋଟି ଦିଗପ୍ରତି ସରକାର ପ୍ରାଧାନ୍ୟ ଦେଇପାରିବେ। କିନ୍ତୁ ବାକି କ୍ଷେତ୍ରଗୁଡ଼ିକୁ ଘରୋଇ ଅନୁଷ୍ଠାନ ଦେଖିବାକୁ ପଡ଼ିବ ବୋଲି ଶ୍ରୀମିଶ୍ର କହିଥିଲେ। ଏଥିସହ ସେ ଗୁଗୁଲ ଏବଂ ଚାଟ୍ ଜିପିଟି ଭିତରେ ଥିବା ପାର୍ଥକ୍ୟ ଦର୍ଶାଇଥିଲେ।ଉଦ୍ୟୋଗପତି ସଲିଲ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ବ୍ୟବସାୟିକ ଅନୁଭୂତି କହିବା ସହିତ ସଫଳ ଉଦ୍ୟୋଗପତି କିପରି ହୋଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଶେଷକରି ଷ୍ଟାର୍ଟଅପ ଉପରେ ଦକ୍ଷତା ବୃଦ୍ଧିର ଆବଶ୍ୟକତାର ଉପରେ ସେ ଗୁରୁତ୍ୱ ଦେଇଥିଲା ବେଳେ ଷ୍ଟାର୍ଟଅପ ପ୍ରକ୍ରିୟାରେ ଅନେକ ସମୟରେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଜଣେ ଉଦ୍ୟୋଗୀ ଧୈର୍ଯ୍ୟ ନ ହରାଇବା ଉଚିତ ବୋଲି କହିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କହିଥିଲେ, ଟେକ୍ନୋଲୋଜିର ଯେତେ ଅଭିବୃଦ୍ଧି ହେଲେ ବି ଯାହାର ଆବଶ୍ୟକତା ଯେମିତି ରହିଛି ତାହା ସେମିତି ରହିବ। ସବୁ ଟେକ୍ନୋଲୋଜିକୁ ସାମ୍ନା କରିବାକୁ ମଣିଷର କ୍ଷମତା ରହିଛି। ଆମେ ଭାବୁଛୁ ଆମର ବୟସ ହୋଇଗଲାଣି, ଆମେ ଟେକ୍ନୋଲୋଜି ବ୍ୟବହାର କରିପାରିବା ନାହିଁ। ମାତ୍ର ଟେକ୍ନୋଲୋଜି ସବୁ ବର୍ଗ ପାଇଁ ଉଦ୍ଦିଷ୍ଟ।

## ମୁକେଶ ଅମ୍ବାନୀଙ୍କୁ ଜୀବନବ୍ୟାପି ସାଧନା ପୁରସ୍କାର

ନୂଆଦିଲ୍ଲୀ,୨୩।୩(ଏଜେନ୍ସି): ଭାରତୀୟ ଟେଲିକମ୍ କ୍ଷେତ୍ରକୁ ଅତୁଳନୀୟ ଅବଦାନ ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଧୀରୁଭାଇ ଅମ୍ବାନୀଙ୍କୁ ଭଏସ୍ ଆଣ୍ଡ ଡାଟା ପକ୍ଷରୁ ସମ୍ମାନଜନକ ଲାଇଫ୍ ଟାଇମ୍ ଆଚିଭମେଣ୍ଟ (ଜୀବନବ୍ୟାପୀ ସାଧନା) ପୁରସ୍କାରରେ ସମ୍ମାନିତ କରାଯାଇଛି। ସେହିପରି ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ୨୦୨୩ ବର୍ଷ ପାଇଁ ରିଲାଏନ୍ସ ଜିଓ ଇନଫୋକମ୍‌ର ପ୍ରେସିଡେଣ୍ଟ ମାଥ୍ୟୁ ଓମେନ୍‌ଙ୍କୁ 'ପାଥ୍‌ବ୍ରେକର ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇଛି। ଦେଶରେ ଟେକ୍ନୋଲୋଜି କ୍ଷେତ୍ରର ବିକାଶ ଦିଗରେ ୫ଜିର ଦ୍ରୁତ ପ୍ରଚଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ଓମେନଙ୍କୁ ଏହି ପୁରସ୍କାର ମିଳିଛି। ମୁକେଶ ଅମ୍ବାନୀଙ୍କ ନେତୃତ୍ୱକୁ ପ୍ରଶଂସା କରି ମାଥ୍ୟୁ ଓମେନ୍ କହିଛନ୍ତି ଯେ, ଭଏସ୍ ଆଣ୍ଡ ଡାଟା ପକ୍ଷରୁ ମୁକେଶ ଅମ୍ବାନୀଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଥିବାରୁ ଆମେ ଗର୍ବିତ। ଆଜିର ଡିଜିଟାଲ ଦୁନିଆରେ ଭାରତର ଭୂମିକା ବୈପ୍ଳବିକ ହେବ' ବୋଲି ସେ କହିଛନ୍ତି।ଟେକ୍ନୋଲୋଜି ଅଗ୍ରଗତିକୁ ତ୍ୱରାନ୍ୱିତ କରିବାରେ ସହଭାଗିତାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉପସ୍ଥାପିତ କରିବା ସହିତ ଟେଲିକମ ଶିଳ୍ପ ସହ ଜଡ଼ିତ ନୀରଜ ମିତ୍ତଲ ଏବଂ ଗୋପାଳ ଭିଟ୍ଟଲଙ୍କୁ ମଧ୍ୟ ଓମେନ୍ ଅଭିନନ୍ଦନ ଜଣାଇଛନ୍ତି। ନୀରଜ ମିତ୍ତଲ ଓ ଗୋପାଳ ଭିଟ୍ଟଲଙ୍କ ସହ ମିଳିତ ଭାବେ ମାଥ୍ୟୁ ଓମେନ୍‌ଙ୍କୁ ପାଥବ୍ରେକର ଅଫ୍ ଦି ଇୟର ପୁରସ୍କାର ମିଳିଛି। ଏହି ଅବସରରେ ଏଆଇ ଓ ନିରାପତ୍ତା ପରିସୀମାକୁ ପରିବର୍ଦ୍ଧିତ କରୁଥିବା ଜିପିୟୁ ଏବଂ କ୍ୱାଣ୍ଟମ୍ କମ୍ପ୍ୟୁଟ ଭଳି ପ୍ରଯୁକ୍ତିର ଅଭ୍ୟୁଦୟ ତଥା ପ୍ରଯୁକ୍ତି କ୍ଷେତ୍ରରେ ଘଟୁଥିବା ନିରନ୍ତର ବିକାଶ ସମ୍ପର୍କରେ ଉଲ୍ଲେଖ କରି ମାଥ୍ୟୁ ଓମେନ୍ ସମାଜ ଉପରେ ପ୍ରଯୁକ୍ତିବିଦ୍ୟାର ଯୁଗାନ୍ତକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଭଏସ୍ ଆଣ୍ଡ ଡାଟା ଆୱାର୍ଡ ସମାରୋହରେ ରିଲାଏନ୍ସ ଜିଓକୁ ନେଟୱାର୍କ ଭିତ୍ତିଭୂମି, ବହୁଭାଷୀ ଇଣ୍ଟରନେଟ୍, କମ୍ୟୁନିକେସନ୍ (ଯୋଗାଯୋଗ) ପ୍ଲାଟଫର୍ମ, ବିଜନେସ୍ ପ୍ରୋସେସ୍ ଇନୋଭେସନ୍ (ବ୍ୟବସାୟ ପ୍ରକ୍ରିୟା ନବସୃଜନ), ନେଟୱାର୍କ ସେବା ଏବଂ ଆଇଓଟି ସମେତ ବିଭିନ୍ନ ବର୍ଗରେ ଆଉ ୬ଟି ପୁରସ୍କାର ମିଳିଛି।



ମାଥ୍ୟୁ ଓମେନଙ୍କୁ 'ପାଥ୍‌ବ୍ରେକର ଅଫ୍ ଦି ଇୟର' ପୁରସ୍କାର

## ଗ୍ରାମାଞ୍ଚଳରେ ଜିଓ ଏୟାରଫାଇବର ସାଜିଛି ଡିଜିଟାଲ ଲାଇଫ୍‌ଲାଇନ୍

ଭୁବନେଶ୍ୱର,୨୩।୩(ସମିସ)

ରିଲାଏନ୍ସ ଜିଓର ବିଶ୍ୱ ସ୍ତରୀୟ ଗୃହ ମନୋରଂଜନ, ସ୍ମାର୍ଟ ହୋମ ସେବା ଓ ହାଇ-ସ୍ପିଡ ବ୍ରଡବ୍ୟାଣ୍ଡର ସମନ୍ୱିତ ଏଣ୍ଡ-ଟୁ-ଏଣ୍ଡ ସମାଧାନ ଜିଓ ଏୟାରଫାଇବର ସେବା ସାରା ଓଡ଼ିଶାରେ ବେଶ ଆଦୃତି ଲାଭ କରିବା ସହିତ ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଞ୍ଚଳରେ ହାଇସ୍ପିଡ୍ ଡିଜିଟାଲ ଲାଇଫଲାଇନ ପାଲଟିଛି। ଜିଓ ଏୟାରଫାଇବର ଏବେ ଓଡ଼ିଶାର ୨୫୦ରୁ ଅଧିକ ସହର, ଉପକଣ୍ଠ ଅଞ୍ଚଳ ଏବଂ ନିକଟବର୍ତ୍ତୀ ଶତାଧିକ ଗ୍ରାମଗୁଡ଼ିକରେ ଉପଲବ୍ଧ ହୋଇଛି। ଘର କିମ୍ବା ପରିସର ପର୍ଯ୍ୟନ୍ତ ଅପ୍ଟିକାଲ ଫାଇବର ପହଞ୍ଚାଇବାରେ ରହିଥିବା ଥିବା ଜଟିଳତା ଓ ବିଳମ୍ବ ପାଇଁ ହୋମ ବ୍ରଡବ୍ୟାଣ୍ଡରୁ ଏବେ ଯାଏଁ ବଞ୍ଚିତ ରହିଥିବା ଅନେକ ଗ୍ରାହକଙ୍କ ଡିଜିଟାଲ ଜୀବନରେଖା ଭାବରେ ଜିଓଏୟାରଫାଇବର ପକ୍ଷରୁ ଏହିଭଳି ପରିସରଗୁଡ଼ିକୁ ସଂଯୋଗ ପ୍ରଦାନ କରିବା କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି।




**ଘର ଓ କ୍ଷୁଦ୍ର ବ୍ୟବସାୟ ପାଖରେ ଜିଓ ଡିଜିଟାଲ ଲାଇଫର ଲାଭ ପହଞ୍ଚାଉଛି**

**ଲାଗି ଟିଭି ଓ ବ୍ରଡବ୍ୟାଣ୍ଡ ବ୍ୟବହାରକରୀଙ୍କ ପାଇଁ ନେଇଆସିଛି ଅନନ୍ୟ ସୁଯୋଗ**

ଶେଷ ମାଇଲ ସଂଯୋଗୀକରଣରେ ରହିଥିବା ସମସ୍ୟାକୁ ଦୂର କରିବା ସହ ଜିଓଏୟାରଫାଇବର ପ୍ରତ୍ୟେକ ଘର ଓ କ୍ଷୁଦ୍ର ବ୍ୟବସାୟିକ ପ୍ରତିଷ୍ଠାନକୁ ବ୍ରଡବ୍ୟାଣ୍ଡ ସୁବିଧା ସହିତ ସଂଯୁକ୍ତ କରୁଛି। ଘରୁ କାର୍ଯ୍ୟ କରୁଥିବା ଆଇଟି ପ୍ରଫେସନାଲଙ୍କ ଠାରୁ ଆରମ୍ଭ କରି ଛୋଟ ବଡ ଉଦ୍ୟୋଗ, ହୋଟେଲ ଓ ରେସ୍ତୋରାଁ, ଡିଜିଟାଲ ଷ୍ଟୁଡିଓ, ଶିକ୍ଷାନୁଷ୍ଠାନ, କ୍ଷୁଦ୍ର ବ୍ୟବସାୟ ଓ ବ୍ୟକ୍ତିଗତ ପରିବାର ପର୍ଯ୍ୟନ୍ତ ଜିଓଏୟାରଫାଇବର ଓଡ଼ିଶାର ୨୫୦ ରୁ ଅଧିକ ଛୋଟ ବଡ଼ ସହର ଏବଂ ବିସ୍ତୃତ ଗ୍ରାମାଞ୍ଚଳରେ ସର୍ବାଧିକ ପସନ୍ଦ ଓ ଭରସାଯୋଗ୍ୟ ହାଇସ୍ପିଡ୍ ହୋମ ବ୍ରଡବ୍ୟାଣ୍ଡ ସେବା ପ୍ରଦାନକାରୀ ପାଲଟିଛି। ଜିଓଏୟାରଫାଇବର ଟିଭି ଏବଂ ବ୍ରଡବ୍ୟାଣ୍ଡ ବ୍ୟବହାରକାରୀଙ୍କୁ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ଗୃହ ମନୋରଞ୍ଜନ, ବ୍ରଡବ୍ୟାଣ୍ଡ ଏବଂ ଡିଜିଟାଲ ଅନୁଭୂତିକୁ ଉନ୍ନତ କରିବାର ସୁଯୋଗ ଦେଇଛି। ଜିଓଏୟାରଫାଇବର ସଂଯୋଗ ଆଡକୁ ଅଗ୍ରସର ହେବା ଭାରତୀୟଙ୍କ ମନୋରଞ୍ଜନ ବ୍ୟବହାର ଅଭ୍ୟାସରେ ଏକ ଗଭୀର ପରିବର୍ତ୍ତନ ଦିଗକୁ ସୂଚିତ କରୁଛି। ପାଣିପାଗ ପରିସ୍ଥିତି ଏବଂ ବୈଷୟିକ ତ୍ରୁଟି କାରଣରୁ ସେବା ବାଧାପ୍ରାପ୍ତ ହେବା ନେଇ ସମାଲୋଚନାର ଶିକାର ହେଉଥିବା ଡିଟିଏଚ୍ ସେବାଗୁଡିକ ତୁଳନାରେ ଜିଓ ଏୟାରଫାଇବର ସଂଯୋଗ ଏକ ଦୃଢ଼ ଏବଂ ବିଶ୍ୱସନୀୟ ବିକଳ୍ପ ପ୍ରଦାନ କରୁଛି। ଏହା ନିରବଚ୍ଛିନ୍ନ ସେବାର ଗ୍ୟାରେଣ୍ଟି ଦେବା ସହିତ ଉନ୍ନତ ପ୍ରଦର୍ଶନ ମଧ୍ୟ ପ୍ରଦାନ କରୁଛି। ସେଥିପାଇଁ ଏହା ଗ୍ରାହକଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପରେ ପରିଣତ ହୋଇଛି। ଜିଓ ସିନେମା ଓ ଜିଓଟିଭି ଭଳି ଓଭର-ଦି-ଟପ୍ (ଓଟିଟି) ଆପ୍ ଏବଂ ପ୍ଲାଟଫର୍ମର ବିକାଶ ଏହି ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଜିଓ ଏୟାରଫାଇବର ସଂଯୋଗ ମାଧ୍ୟମରେ ଉପଲବ୍ଧ ଏହି ପ୍ଲାଟଫର୍ମରେ କ୍ରୀଡ଼ା କାର୍ଯ୍ୟକ୍ରମର ସିଧାପ୍ରସାରଣ, ସଦ୍ୟତମ ଚଳଚ୍ଚିତ୍ର, ୱେବ୍ ସିରିଜ୍ ଏବଂ ଲୋକପ୍ରିୟ ଟିଭି ସୋ' ସମେତ ଅନେକ ଏଚଡି ବିଷୟବସ୍ତୁ ଉପଲବ୍ଧ ହେଉଛି ଯାହା ଭାରତୀୟ ଦର୍ଶକଙ୍କ ବିଭିନ୍ନ ପସନ୍ଦକୁ ପୂରଣ କରୁଛି।

■ ନିର୍ବାଚନ କାଳରେ ଦର ନିୟନ୍ତ୍ରଣ ପାଇଁ ପ୍ରୟାସ

## ବଢ଼ିଲା ପିଆଜ ରପ୍ତାନି କଟକଣା ଅବଧି

ନୂଆଦିଲ୍ଲୀ,୨୩।୩(ଏଜେନ୍ସି): ଲୋକସଭା ନିର୍ବାଚନ ସମୟ ପାଖେଇ ଆସୁଛି। ପ୍ରଥମ ପର୍ଯ୍ୟାୟ ମତଦାନ ଲାଗି ବିଜ୍ଞପ୍ତି ପ୍ରକାଶ କରାଯିବା ସହିତ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ୨୦୨୪ ଲୋକସଭା ନିର୍ବାଚନ ବିଭିନ୍ନ କାରଣରୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଥିବା ବେଳେ କେନ୍ଦ୍ର ସରକାର ଏହାପୂର୍ବରୁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ଶନିବାର ପିଆଜ ରପ୍ତାନିକୁ ନେଇ ରହିଥିବା କଟକଣା ଅବଧିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଢାଇ ଦେଇଛନ୍ତି। ପୂର୍ବରୁ ପିଆଜ ରପ୍ତାନି ଉପରେ ଲାଗିଥିବା କଟକଣା ଅବଧି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହିଥିଲା। ଏବେ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବୃଦ୍ଧି କରାଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ରାଜନୀତିକ ବିଶେଷଜ୍ଞମାନେ ସିଧା ସଳଖ ଲୋକସଭା ନିର୍ବାଚନ ସହ ଯୋଡିଛନ୍ତି। ପିଆଜ ଭଳି ଏକ ସାଧାରଣ ପରିବା ଗରିବଙ୍କ ଠାରୁ ଆରମ୍ଭ କରି ସବୁ ବର୍ଗର ଲୋକଙ୍କ ପାଇଁ ମୁଖ୍ୟ ଆବଶ୍ୟକତା ହୋଇଥିବା ବେଳେ ନିର୍ବାଚନ ସମୟରେ ପିଆଜ ଦର ଯେଭଳି ବୃଦ୍ଧି ନ ପାଏ ତାହାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଥିବା କୁହାଯାଉଛି। କିନ୍ତୁ ସରକାରଙ୍କ ଏଭଳି ନିଷ୍ପତ୍ତି ଯୋଗୁଁ ଭାରତର ପିଆଜ ଉପରେ ନିର୍ଭର କରୁଥିବା କିଛି ବିଦେଶୀ ବଜାରରେ ପିଆଜ ଦର ଆକାଶଛୁଆଁ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ପିଆଜ ରପ୍ତାନି କ୍ଷେତ୍ରରେ ଆନ୍ତର୍ଜାତିକ ବଜାରରେ ଭାରତର ଭୂମିକା ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ ରହିଛି।

କେବେ ହେବ ବିହନ ପ୍ରକ୍ରିୟାକରଣ କେନ୍ଦ୍ର? ଖର୍ଚ୍ଚାନ୍ତ ହେଉଛନ୍ତି ଚାଷୀ

# ପ୍ରକ୍ରିୟାକରଣ ପାଇଁ ପଡ଼ୋଶୀ ଜିଲ୍ଲା ଉପରେ ନିର୍ଭର

**କଟକ,୨୩।୩(ସମିସ)**

ସବୁ ଜିଲ୍ଲାରେ ଓଡିଶା ରାଜ୍ୟ ବିହନ ନିଗମର ବିହନ ପ୍ରକ୍ରିୟାକରଣ କେନ୍ଦ୍ର ରହିଛି । ହେଲେ କଟକ ଜିଲ୍ଲାର ଚାଷୀ ମାନଙ୍କ ପାଇଁ ଏହି କେନ୍ଦ୍ର ପୁନଃନିର୍ମାଣ କରାଯାଇପାରିନାହିଁ। ଏସସିବି ମେଡିକାଲ କଲେଜ ଓ ହସପିଟାଲ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ୩ବର୍ଷ ତଳୁ କଟକ ଜିଲ୍ଲାର ଚାଷୀ ମାନଙ୍କ ପାଇଁ ରାଣୀହାଟ ନିକଟରେ ଥିବା ବିହନ ପ୍ରକ୍ରିୟାକରଣ କେନ୍ଦ୍ରଟି ଭଙ୍ଗାଯାଇଛି । ହେଲେ ଅଦ୍ୟାବଧି ନୂତନ ସ୍ଥାନରେ ଏହି ପ୍ରକ୍ରିୟାକରଣ କେନ୍ଦ୍ର ନିର୍ମାଣ ହୋଇପାରିନାହିଁ। ଫଳରେ ଚାଷୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ବିହନ ପ୍ରକ୍ରିୟାକରଣ କରିବା ପାଇଁ ସେମାନଙ୍କୁ ନିଜ ଖର୍ଚ୍ଚରେ ପଡୋଶୀ ଜିଲ୍ଲା ମାନଙ୍କରେ ରହିଥିବା ପ୍ରକ୍ରିୟାକରଣ ୟୁନିଟକୁ ନେବାକୁ ପଡୁଛି । କଟକ ରାଣୀହାଟରେ ପ୍ରାୟ ୧କୋଟି ଟଙ୍କା ବ୍ୟୟରେ ଏହି ପ୍ରକ୍ରିୟାକରଣ ୟୁନିଟ କରାଯାଇଥିଲା । ତେବେ ଏସସିବି ମେଡିକାଲ ପ୍ରକଳ୍ପ ପାଇଁ ତାଳଦଣ୍ଡା କେନାଲ ରାସ୍ତା ସମ୍ପ୍ରସାରଣ ହେବା ପୂର୍ବରୁ ଏହା ହଟାଯାଇଥିଲା। ଅନ୍ୟପଟରେ ଏଠାରେ ଥିବା ଯନ୍ତ୍ରପାତି ଗୁଡିକୁ ସୋନପୁର ପଠାଯାଇ ସେଠାରେ ଏକ ବିହନ ପ୍ରକ୍ରିୟାକରଣ କେନ୍ଦ୍ର ଖୋଲାଯାଇଥିଲା । ବିହନ ନିଗମ ଅଧିକାରୀଙ୍କ କହିବାନୁସାରେ ପ୍ରତାପନଗରୀର ଜାତୀୟ ରାଜପଥ

## ୩ ବର୍ଷ ପୂର୍ବରୁ କେନାଲ ରାସ୍ତା ସମ୍ପ୍ରସାରଣ ନିମନ୍ତେ ଭଙ୍ଗାଯାଇଥିଲା

କଡରେ ଏହି ପ୍ରକ୍ରିୟାକରଣ କେନ୍ଦ୍ର ପାଇଁ ୩ଏକର ପରିମିତ ଏକ ଜାଗା ଚିହ୍ନଟ ହୋଇଥିଲା। ଯାହା ଆଗକୁ ଆଉ ଅଗ୍ରଗତି କରିପାରିନାହିଁ । ୩ବର୍ଷ ଧରି ଆଠଗଡ,ବଡମ୍ବା ଅଞ୍ଚଳର ଚାଷୀ ଢେଙ୍କାନାଳ ଜିଲ୍ଲା ପ୍ରକ୍ରିୟାକରଣ କେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ବାଙ୍କୀ,ବାରଙ୍ଗ,ନିଆଳି ଅଞ୍ଚଳର ଚାଷୀ ଭୁବନେଶ୍ୱର ଉପରେ ନିଶ୍ଚିନ୍ତକୋଇଲି,ମାହାଙ୍ଗା ଅଞ୍ଚଳର ଚାଷୀ କେନ୍ଦ୍ରାପଡା ଉପରେ ଓ ସଦର ଅଞ୍ଚଳର ଚାଷୀ ଜଗତସିଂହପୁର ଜିଲ୍ଲା ଉପରେ ନିର୍ଭର କରୁଛନ୍ତି। ସେହିପରି ଅନ୍ୟ ଜିଲ୍ଲାରେ ଚାଷୀ ମାନେ ଧାନ ବିହନ ପ୍ରକ୍ରିୟାକରଣ କରିଲେ ସେଥିପାଇଁ ଏକ ଟ୍ରାନଜିଟ ଫି ମଧ ଓଡିଶା ବିହନ ପ୍ରାମାଣିକରଣ ଏଜେନ୍ସିକୁ ଦେବାକୁ ପଡୁଛି । ନିଜ ଜିଲ୍ଲାର ଚାଷୀଙ୍କୁ ମଧ ପ୍ରକ୍ରିୟାକରଣରେ ପ୍ରାଥମିକତା ଦିଆଯାଉଥିବାରୁ କଟକ ଚାଷୀ ମାନଙ୍କ ଆବଶ୍ୟକ ବିହନ ଗୁଡିକର ପ୍ରକ୍ରିୟାକରଣ ବିଳମ୍ବିତ ହେଉଥିବା ଜଣାପଡିଛି । ରାଣିହାଟ ଠାରେ ମଧ ବିହନ ନିଗମର ଏକ ୧୦ହଜାର କ୍ୱିଣ୍ଟାଲ କ୍ଷମତା ବିଶିଷ୍ଟ ଗୋଦାମ ଘର ମଧ ରହିଥିଲା । ଫଳରେ ପ୍ରକ୍ରିୟାକରଣ ପରେ ସାର୍ଟିଫିକେସନ ପାଇବା କ୍ଷଣି ଏହାକୁ ଏଠାରେ ରଖାଯାଉଥିଲା । ଏବେ କିନ୍ତୁ ଜଗତପୁରର ମାର୍କଫେଡ ଗୋଦାମ ଘରେ ଭଡା ଗଣିବାକୁ ପଡୁଛି। ଜିଲ୍ଲାର ପ୍ରାୟ ୨୦୦ରୁ ଅଧିକ ଚାଷୀଙ୍କୁ ଫାଉଣ୍ଡେସନ ବିହନ ଯୋଗାଯାଇ ସେମାନଙ୍କ ଠାରୁ ଏଥର ବିଭିନ୍ନ କିସମର ୮ହଜାର୫୦୦କ୍ୱିଣ୍ଟାଲ ଧାନ ବିହନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ୫୦ପ୍ରତିଶତ ସଂଗ୍ରହ ହୋଇଗଲାଣି । ଚାଷୀଙ୍କୁ କ୍ୱିଣ୍ଟାଲ ପ୍ରତି ୨୭୭୨ଟଙ୍କା ମଧ ପ୍ରଦାନ କରାଯାଉଛି ।

ଜିଲ୍ଲାରେ ଖରିଫ ଋତୁରେ ଚାଷୀ ମାନଙ୍କୁ ମେ୧୦ସୁଦ୍ଧା ଚାଷୀ ମାନଙ୍କୁ ବିହନ ଯୋଗାଣ କରାଯିବ। ମିଳିଥିବା ସୂଚନାନୁସାରେ ଜିଲ୍ଲାର ୧୪ଗୋଟି ବ୍ଲକରେ ଚାଷୀ ମାନଙ୍କୁ ୨୩୦ରୁ ଅଧିକ ବିହନ ବିକ୍ରୟ କେନ୍ଦ୍ରରେ ଧାନ ବିକ୍ରି କରାଯିବ । ବିହନ ଉତ୍ପାଦନ ଅଧିକାରୀ ନବକିଶୋର ସେଠୀଙ୍କ କହିବାନୁସାରେ ଗତ ବର୍ଷ କଟକ ଜିଲ୍ଲାରେ ୧୨୦୦କ୍ୱିଣ୍ଟାଲ ଧାନ ବିହନ ବିକ୍ରି ହୋଇପାରିନଥିଲା । ଏହି ବାବଦରେ ବିହନ ନିଗମ ମଧ ଲକ୍ଷାଧିକ ଟଙ୍କା କ୍ଷତି ସହିଥିଲା । ତେବେ ଏଥର ଚାହିଦାକୁ ଦୃଷ୍ଟିରେ ରଖି ୮୫୦୦କ୍ୱିଣ୍ଟାଲ ବିକ୍ରି ପାଇଁ ଲକ୍ଷ୍ୟ ରଖାଯାଇଛି ।

# ପାଚେରି ଭଙ୍ଗାକୁ ନେଇ ଗଣ୍ଡଗୋଳ

**କଟକ,୨୩।୩(ସମିସ)**

ଲାଲବାଗ ଥାନା ଅନ୍ତର୍ଗତ ଏକ ଗଳି ରାସ୍ତାରେ ନିର୍ମିତ ପାଚେରି ଭଙ୍ଗାକୁ କେନ୍ଦ୍ରକରି ଆଜି ରାତିରେ ଦେୱାନ ବଜାର ତନ୍ତିସାହି ଓ ଓଡ଼ିଆ ବଜାରର ଦୁଇ ପରିବାର ଓ ସେମାନଙ୍କର ସମର୍ଥକଙ୍କ ମଧ୍ୟ ଗଣ୍ଡଗୋଳ ଘଟିଛି। ହାତାହାତି ସହିତ ଢ଼େଲାପଥର ମାଡ ହୋଇଛି। ଖବରପାଇ ଲାଲବାଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଗଣ୍ଡଗୋଳକାରୀମାନେ ଫେରାର୍ ହୋଇଯାଇଛନ୍ତି। ଏଥିରେ ଜଣେ ଆହତ ହୋଇଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ ଦିୱାନ ବଜାର ତେଲଗୁ ଷ୍ଟ୍ରିଟ୍ ଓ ଓଡ଼ିଆବଜାରକୁ ସଂଯୋଗ କରୁଥିବା ଏକ ଗଳିରେ ଗୋଟିଏ ପରିବାର ପକ୍ଷରୁ ପାଚେରି ନିର୍ମାଣ କରାଯାଇଥିଲା। ଫଳରେ ଏହାକୁ ବିରୋଧକରି ପ୍ରତିପକ୍ଷ ପରିବାର ପକ୍ଷରୁ ଅଦାଲତରେ ମାମଲା ଦାୟର ହୋଇଥିଲା। ଅଦାଲତ ଏହାର ବିଚାରକରି ପାଚେରି ନିର୍ମାଣ ଉପରେ ରହିତାଦେଶ ଜାରି କରିଥିଲେ। ତେବେ ଅପରପକ୍ଷ ପରିବାର କିଛିଦିନ ତଳେ ମାମଲାରେ ବିଜୟୀ ହେବାରୁ ପୁଣି ଉକ୍ତ ଗଳି ରାସ୍ତାରେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ଏହାସତ୍ତ୍ୱେ ପ୍ରତିପକ୍ଷ ପରିବାର ପୁଣି ଦୁଇଦିନ ପୂର୍ବେ ଉକ୍ତ ପାଚେରି ଉପରେ ରହିତାଦେଶ ଆଣିବାକୁ ସଫଳ ହୋଇଥିଲା। ତେବେ ଏହାକୁ ନ ମାନି ଆଜି ରାତିରେ ଅପରପକ୍ଷ ପରିବାର ପକ୍ଷରୁ ପାଚେରି ନିର୍ମାଣ କାର୍ଯ୍ୟ କରୁଥିବା ଜାଣିବା ପରେ ପ୍ରତିପକ୍ଷ ପରିବାର ତାଙ୍କର ବହୁ ସମର୍ଥକଙ୍କୁ ଧରି ନିର୍ମାଣକାର୍ଯ୍ୟ ବନ୍ଦ କରିଦେବାରୁ ଗଣ୍ଡଗୋଳର ସୂତ୍ରପାତ ଘଟିଥିଲା। ପ୍ରଥମେ କଥା କଟାକଟି ଓ ପରେ ହାତହାତି ଘଟିଥିଲା। ଏହାପରେ ଉଭୟପକ୍ଷଙ୍କ ମଧ୍ୟରେ ଢ଼େଲାମାଡ଼ ଘଟିଥିଲା। ଖବର ପାଇ ଥାନା ଅଧିକାରୀ ଦୟାନିଧି ନାୟକ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ। ଢ଼େଲାମାଡ଼ରେ ଜଣେ ଆହତ ହୋଇଥିବା ଜଣାପଡିଛି।

# ବାଙ୍କୀ ବିଜେଡିର ମିଶ୍ରଣ ପର୍ବ

**ବାଙ୍କୀ,୨୩।୩(ସମିସ):** ଆଜି ବାଙ୍କୀ ବ୍ଲକ ଅନ୍ତର୍ଗତ ବାଉଁଶପୁଟ ଗ୍ରାମ ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଗ୍ରାମ ପଞ୍ଚାୟତର ମନ୍ତ୍ରୀ ସାହି ଓ ବାଲି ସାହିର ୧୨ଜଣ ଯୁବକ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଏହି ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ବାଙ୍କୀ ବିଧାୟକଙ୍କ ସରକାରୀ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବିଜେଡି ଦଳର ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀଙ୍କ ଉପସ୍ଥିତିରେ ସରପଞ୍ଚଙ୍କ ପ୍ରତିନିଧି, ବାଉରୀ ମନ୍ତ୍ରୀ, ପ୍ରଫୁଲ୍ଲ ମନ୍ତ୍ରୀ, କାହ୍ନୁଚରଣ ମନ୍ତ୍ରୀ, ଲିପୁନ୍ ମନ୍ତ୍ରୀ, ରବିନ୍ଦ୍ର ମନ୍ତ୍ରୀ, ରାମଚନ୍ଦ୍ର ମନ୍ତ୍ରୀ, ସଞ୍ଜୟ ମନ୍ତ୍ରୀ, ଦୟାନିଧି ମନ୍ତ୍ରୀ, ମାନସ ମନ୍ତ୍ରୀ, ଶ୍ରୀଧର ଦଳେଇ, ଭଜନ ଦଳେଇ, ମଥୁରା ଦଳେଇ ପ୍ରଭୃତି ବିଜେଡି ଦଳରେ ଯୋଗଦାନ କରିଛନ୍ତି। ପୂର୍ବତନ ବିଧାୟକ ଶ୍ରୀ ତ୍ରିପାଠୀ ସେମାନଙ୍କୁ ବିଜେଡି ଦଳର ଉପଢ଼ୌକନ ପ୍ରଦାନ କରି ବିଜେଡି ଦଳରେ ସାମିଲ୍ କରିଥିଲେ। ବାଙ୍କୀ ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ଦାସ ନୂତନ ଭାବେ ଯୋଗଦାନ କରିଥିବା କର୍ମୀମାନଙ୍କୁ ସ୍ୱାଗତ କରି ଧନ୍ୟବାଦ ଦେଇଥିଲେ।



# କଟକ ଜିଲ୍ଲା ଶୌଣ୍ଡିକ ସମାବେଶ



**ବାଙ୍କୀ,୨୩।୩(ସମିସ):** ବାଙ୍କୀ ନିର୍ବାଚନମଣ୍ଡଳୀ ଗୋଡ଼ିସାହି ଗ୍ରାମ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ କଟକ ଜିଲ୍ଲା ଶୁଣ୍ଡି ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ସଭାପତି ରାମଚନ୍ଦ୍ର ସାହୁଙ୍କ ତତ୍ତ୍ୱବଧାନରେ ରାଜ୍ୟ ସଭାପତି ବିକ୍ରମ କେଶରୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଣ୍ଡି ସମାଜର ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। କଟକ ଜିଲ୍ଲା ସଭାପତି ରାମଚନ୍ଦ୍ର ସାହୁ କହିଥିଲେ ଭାଇ.ରା ରଖିବା ଏବଂ ଏକ ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖିବା ସହିତ ସ୍ୱଜାତିରେ ଥିବା ଗରିବ, ଅବହେଳିତ, ଭିନ୍ନକ୍ଷମ ଲୋକଙ୍କୁ ସବୁପ୍ରକାର ସହାୟତା ଯୋଗାଇ ଦିଆଯିବ। ସମାଜ ପକ୍ଷରୁ ଚାରାରୋପଣ କିପରି ଅଧିକରୁ ଅଧିକ ହୋଇପାରିବ ସେ ସଂପର୍କରେ ସମସ୍ତେ ଉଦ୍ୟମ କରିବା ପାଇଁ ଅନୁରୋଧ କରିଥିଲେ। ଶେଷରେ ଛୋଟ ଛୋଟ ଶିଶୁମାନଙ୍କ ଦ୍ୱାରା ନାଚଗୀତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାସୁଦେବ ପୀଠରେ ସାଧୁ ବୈଷ୍ଣବ ମେଳା



**ସାଲେପୁର,୨୩।୩(ସମିସ):** ସାଲେପୁର ବ୍ଲକ୍ ଅନ୍ତର୍ଗତ କରମୁଆଁ ଗ୍ରାମସ୍ଥିତ ଦ୍ୱିତୀୟ ଓଲାଶୁଣୀ କ୍ଷେତ୍ର ବାସୁଦେବ ପୀଠରେ ଚତୁର୍ଥ ବାର୍ଷିକ ସାଧୁ ବୈଷ୍ଣବ ମେଳା ଉତ୍ସବ ଯୋଗଗୁରୁ ସମର ବଲ୍ଲଭ ଲେଙ୍କା (ରାମଜୀ)ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଡ. ଗୌତମ ମହାରଣାଙ୍କ ଅଧ୍ୟକ୍ଷତାରେ ସାଧୁ ବୈଷ୍ଣବ ମେଳା ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିରର ସେବାୟତ ଡ. ଶରତ ଚନ୍ଦ୍ର ମହାନ୍ତି, ରମାବଲ୍ଲଭ ମହାପାତ୍ର, ଆର୍ତ୍ତତ୍ରାଣ ପଡ଼ିହାରୀ ଯୋଗଦେଇ ଶ୍ରୀକ୍ଷେତ୍ର ମହାତ୍ମ୍ୟ ବର୍ଣ୍ଣନା କରିଥିବାବେଳେ ସିଦ୍ଧଗିରି ଆଶ୍ରମର ବୈଷ୍ଣବ ବିଶ୍ୱନାଥ ଦାଶ, ପଞ୍ଚସଖା ଆଶ୍ରମର ବିଷ୍ଣୁଚରଣ ଦାସ, ଅନାମ ଦାଶ, ହୁଙ୍କାବାବାଜୀ ମଠର ବାବା ବେଣୁଧର ଦାଶ ଯୋଗଦେଇଥିଲେ। ଧର୍ମଜାଗରଣ ସମନ୍ୱୟ ସମିତିର ଜିଲ୍ଲା ସଂଯୋଜକ ଦେବେନ୍ଦ୍ର କୁମାର ନାୟକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ତ୍ରିଲୋଚନ ବରାଳ, ବାଇଧର ପ୍ରତାପ, ନବକିଶୋର ପ୍ରତାପ, ପ୍ରଫୁଲ୍ଲ ଭୂୟାଁ, ହିମାଂଶୁ ରାଉତରା, ଶ୍ରୀମନ୍ତ କୁମାର ଭୂୟାଁ, ବ୍ରହ୍ମାନନ୍ଦ ମହାନ୍ତିଙ୍କ ସହଯୋଗରେ ସାଧୁ ବୈଷ୍ଣବ ମାନଙ୍କୁ ଭବ୍ୟ ସ୍ୱାଗତ ଓ ଗ୍ରାମ ପରିକ୍ରମା କରାଯାଇଥିଲା।

# ମୁଖପତ୍ର 'ବାସନ୍ତିକ' ଲୋକାର୍ପଣ ଓ ସମ୍ବର୍ଦ୍ଧନା ସଭା

**ଫୁଲନଖରା,୨୩।୩(ସମିସ):** କଟକ ସଦର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମରେ ପ୍ରସିଦ୍ଧ ଅରିଲୋ ମେଳଣ ଅବସରରେ ମେଳଣ ସାରସ୍ୱତ କମିଟି ପକ୍ଷରୁ ବାର୍ଷିକ ମୁଖପତ୍ର 'ବାସନ୍ତିକ' ଲୋକାର୍ପଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସଂପାଦକ ଲିଙ୍ଗରାଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦୋଳ ମେଳଣର ସ୍ମୃତି ଓ ଐତିହ୍ୟକୁ ବହନ କରୁଥିବା ମୁଖପତ୍ରର ଲୋକାର୍ପଣ କରିଥିଲେ। ଉକ୍ତ ପୁସ୍ତକରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଦୋଳମେଳଣ ଗୁଡିକର ସବିଶେଷ ବିବରଣୀ ସ୍ଥାନିତ ହୋଇପାରିଛି ଯାହାକି ଓଡିଆ ପାଠକଙ୍କ ଆଦୃତି ଲାଭ କରିପାରିବ। ଏହି ଉତ୍ସବରେ ଏକାଧାରରେ



ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଆର୍ଯ୍ୟ ଯଜ୍ଞଦତ୍ତ, ସମ୍ମାନିତ ଅତିଥି ଭାବରେ ମୂରଲୀଧର ସାହୁ, ଅଭିମନ୍ୟୁ ନାୟକ, କବି ଖଗେଶ୍ୱର ମହତାବ, ହରେକୃଷ୍ଣ ନାୟକ, ଉପଦେଷ୍ଟା ଶରତ କୁମାର ରଥ, ରାଧେଶ୍ୟାମ ମହାନ୍ତି, ଚନ୍ଦ୍ରମଣି ପ୍ରଧାନ, ବିଭୂତି ଭୂଷଣ ତରାଇ ଜ୍ୟୋତି ରଞ୍ଜନ ମହାନ୍ତି ଓ ବୈଷ୍ଣବ ଚୌଧୁରୀ ପ୍ରମୁଖ ଯୋଗଦେଇ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା କବି ଓ ସୁସାହିତ୍ୟିକ ଭଗବାନ ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରବୀର ମହାନ୍ତି, ସଞ୍ଜୟ ମହାନ୍ତି, ପ୍ରଫେସର ଜ୍ୟୋତିରଞ୍ଜନ ମହାନ୍ତି, ସ୍ମୃତି ରଞ୍ଜନ ମହାନ୍ତି, ବୈଷ୍ଣବ ଚୌଧୁରୀ, ଶାନ୍ତିକମିଟି ସଭାପତି ଯୁଧିଷ୍ଠିର ଭୋଳ, ଉପସଭାପତି ସୁନ୍ଦର ପବିତ୍ର ଦାଶ ଓ କହ୍ନେଇ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନିର୍ବାଚନ ପୂର୍ବରୁ ବିଜେଡିର ସାଂଗଠନିକ ବୈଠକ

**ସାଲେପୁର,୨୩।୩(ସମିସ):** ଆଜି ସାଲେପୁର ବିଜୁ ଜନତା ଦଳର ଏକ ସାଂଗଠନିକ ବୈଠକ ସାଲେପୁର ବି.କେ. ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ ସରକାରଙ୍କର ବିକାଶର କାର୍ଯ୍ୟକୁ ପାଥେୟ କରି ଆଗାମୀ ନିର୍ବାଚନ ପ୍ରଚାର କରିବା ସହ ବିଜେଡି ସମର୍ଥିତ ପ୍ରାର୍ଥୀମାନଙ୍କୁ ବିପୁଳ ସଂଖ୍ୟାରେ ବିଜୟ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ କରିଥିଲେ। ନିର୍ବାଚନ ପୂର୍ବରୁ ଏହି ସାଂଗଠନିକ ବୈଠକ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିବାରୁ ସାଲେପୁର ବ୍ଲକ୍‌ର ୩୫ଟି ପଞ୍ଚାୟତର ଛାମୁଆ ବିଜେଡି କର୍ମୀ ଓ ନେତାମାନେ ଯୋଗଦେଇ ବିଜେଡି ସଂଗଠନକୁ ଅଧିକରୁ ଅଧିକ ସୁଦୃଢ଼ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଆମ୍ବାର ସଭାପତି ଦିଲ୍ଲୀପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷଙ୍କ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ବ୍ଲକ୍ ବିଜେଡି କାର୍ଯ୍ୟକାରିଣୀ କମିଟି ସଭାପତି ନାରାୟଣ ପତି, ବ୍ଲକ୍ ସଭାପତି ଅନନ୍ତ ଚରଣ ପ୍ରଧାନ, ନବକିଶୋର କର, ଜିଲ୍ଲାପରିଷଦ ସଭ୍ୟା ନମିତା ସେଠୀ, ରଞ୍ଜିତା ସେଠୀ, ସାଂସଦ ପ୍ରତିନିଧି ଗୁଲରେଜ୍ ଅଲ୍ଲୀ, ସରପଞ୍ଚ ପବିତ୍ର ସାମଲ, ବାଲିସାହି ପଞ୍ଚାୟତ ଯୁବନେତା ବିନୋଦ ମଲ୍ଲିକ, ଜୟରାମ ବେହେରା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ଯୁବ ବିଜେଡି ସଭାପତି ସଂଜିତ୍ ଦାଶ, ଜିଲ୍ଲାପରିଷଦ ସଭ୍ୟ ହରପ୍ରସନ୍ନ ବେହେରା, ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନା, ସମିତିସଭ୍ୟା ଗୌତମୀ ମଲ୍ଲିକଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ପ୍ରତିନିଧି ଓ ବିଜେଡି କର୍ମୀମାନେ ଯୋଗଦେଇଥିଲେ।




# ଗଞ୍ଜେଇ ଜବତ; ଜଣେ ଗିରଫ

**ଚୌଦ୍ୱାର, ୨୩।୩ (ସମିସ):** ଗଞ୍ଜେଇ ଚେରାଚାଲାଣ କରୁଥିବା ଅଭିଯୋଗରେ ଚୌଦ୍ୱାର ପୁଲିସ ଜଣକୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ଚୌଦ୍ୱାର ଥାନା ପ୍ରଧାନସାହିର ସୁଜିତ କୁମାର ନାୟକ ବୋଲି ଜଣାପଡ଼ିଛି। ତାଙ୍କ ନିକଟରୁ ୨୧କେଜି ଗଞ୍ଜେଇ ଜବତ କରିବା ସହିତ ଗଞ୍ଜେଇ କାରବାରରେ ବ୍ୟବହୃତ ଓଡି ୦୨ ବିଜି ୭୮୩୭ ନମ୍ବର ଯୁକ୍ତ ଏକ କାର ମଧ ଜବତ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଗତ ୨୧ତାରିଖରେ ବିରୂପା ବ୍ୟାରେଜ ରୋଡରେ ପୁଲିସ ପାଟ୍ରୋଲିଙ୍ଗ ଚାଲିଥିବା ବେଳେ ଅଭିଯୁକ୍ତ ସୁଜିତ ପୁଲିସ ହାବୁଡରେ ପଡିଥିଲା।

# ବାଣିଜ୍ୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର

**ବାଙ୍କୀ,୨୩।୩(ସମିସ):** ଆଜି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ଏକ ଡିଜିଟାଲ ମାର୍କେଟିଙ୍ଗ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଉଦ୍‌ଘାଟନ କରି ଏପରି ଆଲୋଚନାର ସଫଳତା କାମନା କରିବା ସହ ଛାତ୍ରଛାତ୍ରୀମାନେ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି କହିଥିଲେ। ବିଭାଗୀୟ ମଖ୍ୟ ଡ. ନିରଞ୍ଜନ ମହାନ୍ତି ସଭାପତିତ୍ୱ କରିବା ସହ ସେମିନାରର କାର୍ଯ୍ୟକ୍ରମ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ସେମିନାର ସଂପାଦକ ରାଜେଶ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଏହି ବିଭାଗ ଦ୍ୱାରା ଏପରି ଆଲୋଚନା ଦ୍ୱାରା ଛାତ୍ରଛାତ୍ରୀଙ୍କର ଦକ୍ଷତା ବୃଦ୍ଧି ଘଟିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡଃ.ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅର୍ଥନୀତି ବିଭାଗର ଅଧ୍ୟାପିକା ଶୁଭଲକ୍ଷ୍ମୀ ଯୋଶୀ ଓ ବାଣିଜ୍ୟ ବିଭାଗର ଅଧ୍ୟାପିକା ତୋଫା ପାତ୍ର ଯୋଗଦାନ କରି ଡିଜିଟାଲ ମାର୍କେଟିଙ୍ଗ୍‌ର ବିଭିନ୍ନ ବିଭାଗ ଉପରେ ଆଲୋକପାତ କରିଥିଲେ। ଆଧୁନିକ ଯୁଗରେ କମ୍ପ୍ୟୁଟର ମାଧ୍ୟମରେ ସମସ୍ତ କାରବାର ଭଲ ଭାବରେ ହୋଇପାରୁଛି ବୋଲି ଅଧ୍ୟାପିକା ଯୋଶୀ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଯୁଗକିଶୋର ମଣ୍ଡଳ, ଅଧ୍ୟାପକ ଆଶିଷ କୁମାର ପାଢୀ, ଅଧ୍ୟାପକ ଚିନ୍ମୟ ଚିତ୍ତ ରଞ୍ଜନ, ଅଧ୍ୟାପିକା ସୁଦୀପା ପରିଡା, ଅଧ୍ୟାପକ ତୁଷାରକାନ୍ତ ନାୟକ, ଅଧ୍ୟାପିକା ପ୍ରିୟଙ୍କା ବେହେରା ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅଧ୍ୟାପକ ଆଶିଷ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।




ମାହାଙ୍ଗାରେ ବଢୁଛି ଚୋରା ମଦ ଓ ଗଞ୍ଜେଇ କାରବାର

# ସ୍ଥାଣୁ ପାଲଟିଛି ଅବକାରୀ ବିଭାଗ ଓ ପୁଲିସ

**ମାହାଙ୍ଗା,୨୩।୩(ସମିସ)**



ଏବେ ମାହାଙ୍ଗାର ଗାଁ ଗହଳିଠାରୁ ଆରମ୍ଭ କରି ଚା, ପାନ ଦୋକାନ, ତେଜରାତି ଦୋକାନ, ଦେବାଳୟ ଓ ଛକ ବଜାର ନିକଟରେ ବହୁ ପରିମାଣରେ ଚାଲିଛି ଚୋରା ମଦ ଓ ଗଞ୍ଜେଇ କାରବାର। ସୂଚନା ମୁତାବକ ମାହାଙ୍ଗା ଅଞ୍ଚଳରେ ଚୋରା ନିଶା କାରବାର ବଢ଼ି ଚାଲିଥିବାବେଳେ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ସବୁ ଜାଣି ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏପରିକି ମାହାଙ୍ଗା, ଭଦ୍ରେଶ୍ୱର ଥାନା ଅଞ୍ଚଳର ସନ୍ନିକଟରେ ଚୋରା ମଦ କାରବାର ହେଉଥିବାବେଳେ ପୁଲିସ ବିଭାଗ ନିରବଦ୍ରଷ୍ଟା ସାଜିଛି। ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ମାହାଙ୍ଗାର ଛତ୍ରତୋଟା ବଜାର ନିକଟରେ ଜୈନିକ ବ୍ୟକ୍ତି ନିଜ ଘରେ ଖୁଲମଖୁଲା ଚୋରା ମଦ କାରବାର ଚଳାଇଥିବାବେଳେ ଗୌଡପଡା, ଗୁଣ୍ଡୁପୁର, ହରିଭକ୍ତପୁର, ସୋରଳ ଗ୍ରାମ, ତାରିଣୀ ଛକ, କୋଠିଛକ, ଆନନ୍ଦପୁର, ମୂଳବସନ୍ତ, ବଢେଇସାହି, ମୋହନପୁର, ଜୟପୁର, ଦୋବନ୍ଧିଆ, ବାସୁଦେବପୁର, ପଲ୍ଲିସାହି, ତ୍ରିବେଣୀଶ୍ୱର, ମଉଦା, କୋଳିଅଠା ବଜାରର ଏକ ପାନ ଦୋକାନ, ଆନନ୍ଦ ବଜାର, ଛେଦା, ଭେଡା, ଅରିଲୋ, ରାହାଣିଆ, ଭୈରବ ପଡିଆ, ହଳଦିଆ, ଗୋକନ, ନାହାଙ୍ଗ, ବେଗୁନିଆପଦା, ଗୋପାଳପୁର, ନୁର୍ତାଙ୍ଗ, ଝିଁକୋଟି ସମେତ ବହୁ ସ୍ଥାନରେ ଚୋରା ମଦ ଓ ଗଞ୍ଜେଇ କାରବାର ହେଉଛି। ଆଗକୁ ଆଉ ଦୁଇ ଦିନ ପରେ ହୋଲି ଏବଂ ନିର୍ବାଚନ ଉଷ୍ମତା ଥିବାବେଳେ ଚୋରା ବ୍ୟବସାୟୀମାନେ ଏବେ ଠାରୁ ସକ୍ରିୟ ହେବାରେ ଲାଗିଛନ୍ତି। ସାଧାରଣତଃ ହୋଲି ଆଦି ବିଶେଷ ଦିନ ମାନଙ୍କରେ ମଦ ଦୋକାନ ବନ୍ଦ ରହୁଥିବାରୁ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନୀମାନେ ସେମାନଙ୍କର ବ୍ୟବସାୟ ବୃଦ୍ଧି ପାଇଁ ବିନା ନମ୍ବର ବିହୀନ ଗାଡିରେ ଦିବାଲୋକରେ ଲୋକ ଲଗାଇ ଅଭିନବ ଉପାୟରେ ଚୋରା ବ୍ୟବସାୟୀ ନିକଟକୁ ମଦ ପଠାଉଥିବା ଦେଖିବାକୁ ମିଳିଛି। ସେହିପରି ଏହି ଚୋରା ବ୍ୟବସାୟୀମାନେ ସରକାରୀ ମୂଲ୍ୟରେ ମଦ କିଣି ଏହାକୁ ଅପମିଶ୍ରିତ କରିବା ସହ ଧାର୍ଯ୍ୟ ମୂଲ୍ୟଠାରୁ ଚଢା ଦରରେ ବିକ୍ରି କରୁଛନ୍ତି। ଏପରିକି ସରକାରୀ ଦୋକାନ ବନ୍ଦ ଥିବା ବେଳେ ଏହାର ଆଖପାଖରେ ବିପୁଳ ପରିମାଣରେ ଚୋରାରେ ମଦ ବିକ୍ରି କରାଯାଏ। ଯାହା ଫଳରେ ମଦୁଆଙ୍କ ଉତ୍ପାତରେ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଛାତ୍ରଛାତ୍ରୀ ଓ ମହିଳାମାନେ ଛକ ବଜାର ଓ ମନ୍ଦିର ଆଦି ସ୍ଥାନକୁ ଯାଆସ କରିବା ପାଇଁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ଚୋରା ମଦ ବ୍ୟବସାୟୀଙ୍କ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

## କନ୍ଦରପୁରରେ ପୁଲିସର ଫ୍ଲାଗ ମାର୍ଚ୍ଚ



**କଟକ, ୨୩।୩(ସମିସ):** କଟକ କମିଶନରେଟ ପୁଲିସ ଅନ୍ତର୍ଗତ କନ୍ଦରପୁର ଥାନା ଅଞ୍ଚଳରେ କନ୍ଦରପୁର ଥାନା ପୁଲିସ ଓ ୧ ପ୍ଲାଟୁନ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ମିଳିତ ଭାବେ ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଥାନା ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରିଛନ୍ତି। ଜୋନ ଏସିପି କୃଷ୍ଣଚନ୍ଦ୍ର ସେଠୀଙ୍କ ତତ୍ତ୍ୱବଧାନରେ ଓ ଥାନା ଅଧିକାରୀ ରାଧାକାନ୍ତ ସାହୁଙ୍କ ନେତୃତ୍ୱରେ ଏଏସଆଇ ଅଜିତ ପ୍ରସାଦ ମହାନ୍ତି ଓ ସୁନିଲ କୁଜୁର ପ୍ରମୁଖ କନ୍ଦରପୁର ବଜାର, ବ୍ରାହ୍ମଣବାଡ଼, ଦେଓପୁର, ବମ୍ଭରୀ, ଡିଅସାହି, ମଉଗଜପୁର, ନୂଆକୋରୁଆ ପ୍ରଭୃତି ପ୍ରାୟ ୨୦ କିମି ଅଞ୍ଚଳ ଫ୍ଲାଗ ମାର୍ଚ୍ଚ କରିବା ସହ ଏହି ସବୁ ଅଞ୍ଚଳରେ ଭୋଟ ଗ୍ରହଣ କେନ୍ଦ୍ର ଗୁଡ଼ିକ ମଧ୍ୟ ଦେଖିବା ସହ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ଦୃଷ୍ଟିରୁ ଅସାମାଜିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଏହି ଫ୍ଲାଗ ମାର୍ଚ୍ଚ ହୋଇଥିବା ଓ ସମସ୍ତ ଜନସାଧାରଣ ନିର୍ବାଚନରେ ଅଂଶଗ୍ରହଣ କରି ନିଜର ମତଦାନ ସାବ୍ୟସ୍ତ କରିବା ପାଇଁ ଆଇଆଇସି ଶ୍ରୀ ସାହୁ ଅନୁରୋଧ କରିଛନ୍ତି।

## ଭଙ୍ଗିମୁଣ୍ଡାରେ ଚକ୍ଷୁ ଚିକିତ୍ସା ଶିବିର




**ଟାଙ୍ଗୀ, ୨୩।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଙ୍ଗିମୁଣ୍ଡା ଗ୍ରାମରେ ପ୍ରଗତି ଯୁବ ପରିଷଦ, ରୋଟାରୀ କ୍ଲବ୍ କଟକ ଓ ରାମକୃଷ୍ଣ ମିଶନର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ପରିଷଦର ବରିଷ୍ଠ ସଦସ୍ୟ ବିନୋଦ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତାପସ୍ୱି କୁମାର ସାହୁ, ରୋଟାରୀ କ୍ଲବର ସଭାପତି ରୋଟାରୀଆନ ନୁପୁର ସୁର୍, ସମ୍ପାଦିକା ଇନ୍ଦିରା ସୁଭାଷିନୀ ପ୍ରସାଦ, ରାମକୃଷ୍ଣ ମିଶନର ରମେଶ ମହାରାଜ ଓ ସ୍ୱାମୀ ଜୀବନାନନ୍ଦ ପ୍ରମୁଖ ଯୋଗଦାନ କରି ଯୁବ ପରିଷଦର ଏଭଳି ମହତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଚିକିତ୍ସକ ଡଃ ସିଦ୍ଧାର୍ଥ ଦାସ ଓ ନିରଞ୍ଜନ ପଣ୍ଡାଙ୍କ ଦ୍ୱାରା ୧୧୦ ଜଣ ଚକ୍ଷୁ ରୋଗୀ ପଞ୍ଜିକରଣ କରିଥିବାବେଳେ ୧୦ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ଏହି ଅବସରରେ ଚିହ୍ନଟ ଚକ୍ଷୁ ରୋଗୀଙ୍କୁ ମାଗଣାରେ ଚଷମା ଓ ଔଷଧ ବଣ୍ଟନ କରାଯାଇଥିଲା। ଯୁବ ପରିଷଦର ଡମ୍ବରୁ ଭାଇ, କ୍ଷୀତିଶ ଭାଇ, ଶକ୍ତି ସାହୁ, ପପୁ, ବଣ୍ଟି, ରଞ୍ଜନ ସାହୁ, ସାଗର ଦଳେଇ, ସୋନୁ ଦଳେଇ, ତାପସ ସେନ ଓ ବିମଳ ପ୍ରସାଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଶୁଭସନ୍ଧ୍ୟା ପତ୍ରିକା ଉନ୍ମୋଚିତ




**କଣ୍ଟାପଡ଼ା, ୨୩।୩(ସମିସ):** କଣ୍ଟାପଡ଼ା ବ୍ଲକ ବାଇରୋଇ ସ୍ଥିତ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦର ସୌଦାମିନୀ ପାଠାଗାର ସଭାଗୃହରେ ଏକ ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ ଓ ସାହିତ୍ୟ ସଭା ଆଜି ଶନିବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରବନ୍ଧକାର ଡକ୍ଟର ଶ୍ରୀଚରଣ ଦାସ ମୁଖ୍ୟଅତିଥି, ଅଧ୍ୟାପିକା ଡ. ସସ୍ମିତା ନାୟକ ମୁଖ୍ୟବକ୍ତା, ପ୍ରକାଶ କୁମାର ନନ୍ଦ ସାମ୍ବାଦିକ ତଥା 'ସୌଦାମିନୀ'ର ସମ୍ପାଦକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସଂଯୁକ୍ତା ବେହେରାଙ୍କ ସମ୍ପାଦିତ ପୁସ୍ତକ 'ଶୁଭସଂନ୍ଧ୍ୟା'ର ଉନ୍ମୋଚନ କରିଥିଲେ। ଶୁଭସଂନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ଡ. ଶ୍ରୀଚରଣ ଦାସ ଓ ଅଧ୍ୟାପିକା ଡକ୍ଟର ସସ୍ମିତା ନାୟକଙ୍କୁ ଦିବଙ୍ଗତ ଜୟକୃଷ୍ଣ ବେହେରା ସ୍ମୃତି ସମ୍ମାନ-୨୦୨୪ରେ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ସମାଜ ସଂସ୍କାରରେ ସାହିତ୍ୟିକ ଓ ଲେଖକଙ୍କ ଭୂମିକାକୁ ନେଇ ଅଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ସଂଗ୍ରାମ କେଶରୀ ରାଉତରାୟ ମଞ୍ଚ ପରିଚାଳନା କରିଥିବା ବେଳେ ଅଧିବକ୍ତା ଅବଦୁଲ୍ ବାରି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ 'ଟିକି ଦୁନିଆ'ର ସମ୍ପାଦିକା ନମିତା ମହାନ୍ତିଙ୍କ ସମେତ ପଣ୍ଡିତ ମୁରଲୀଧର ସାହୁ ଲେଖିକା ଜୋସ୍ନା ସିଂହ, ଅଧ୍ୟାପିକା ପ୍ରଞ୍ଜାଳିନା ସାହୁ, ଦିଲ୍ଲୀପ କୁମାର ମହାନ୍ତି, ବାବାଜି ଭୋଇ, ଅମଳେନ୍ଦୁ ମହାପାତ୍ର ପ୍ରମୁଖ ବହୁ କବି ଓ କବୟିତ୍ରୀମାନେ ଯୋଗଦେଇଥିଲେ।

# ବେଟିଂ ଆପ୍ ପଛରେ ତିଗିରିଆ ଯୁବପିଢ଼ି

ତିଗିରିଆ, ୨୩।୩(ସମିସ)







ପ୍ରଶାସନର ବାରମ୍ବାର ତାଗିଦ ତଥା ପ୍ରବଳ ସଚେତନତା ପରେ ବି ସୁଧୁରିବାର ନାମ ଧରୁନାହାନ୍ତି ଆଜିର ଯୁବପିଢି। ରାତାରାତି ବଡଲୋକ ହେବାର ସ୍ୱପ୍ନରେ ଆଗ ପଛ ବିଚାର ନ କରି ବିଭିନ୍ନ ପ୍ରକାର ବେଟିଂ ଆପ୍‌ରେ ହଜାର ହଜାର ଏପରିକି ଲକ୍ଷ ଲକ୍ଷ ଟଙ୍କା ହରାଇ ସାରିବା ପରେ ବି ଚେତୁନାହାନ୍ତି ଆଜିର ଯୁବପିଢି। ଧାରକରଜ କରି ଏହି ବେଟିଂ ଆପ୍‌ରେ ଟଙ୍କା ଲଗାଇ ହାରିବା ପରେ ଏବେ ହାରିଯାଇଥିବା ଟଙ୍କାକୁ ପୁନଃ ଫେରାଇ ଆଣିବାକୁ ପୁଣି ଖେଳରେ ମନୋନିବେଶ କରୁଥିବାରୁ ସମ୍ପ୍ରତି ତିଗିରିଆ ବ୍ଲକର ବିଭିନ୍ନ ସ୍ଥାନରେ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଥିବାର ନଜରକୁ ଆସିଛି। ତେବେ ସମ୍ପ୍ରତି ତିଗିରିଆ ବ୍ଲକର ଉଣା ଅଧିକା ଅଞ୍ଚଳରେ ତୃତୀୟ ପକ୍ଷ ବେଟିଂ ଆପ୍ 'ଦମନ' ପାଇଁ ଯୁବପୀଢି ପାଗଳ ଥିବାର ଦେଖିବାକୁ ମିଳୁଛି।

ଖବର ନେବାରେ ଜଣାପଡ଼ିଛି ଯେ ତୃତୀୟ ପକ୍ଷ ବେଟିଂ ଆପନ ଦମନ ଏକ ଆର୍ଥିକ ବାଜି ଲଗାଇ ଆଜିର ଯୁବପୀଢିକୁ ରସାତଳଗାମୀ କରୁଥିବା ଏକ ମୋବାଇଲ ଆପ୍ ଖେଳ। ଆରମ୍ଭରୁ ଏହି ଆପ୍ ଖେଳାଳିର ସମସ୍ତ ବ୍ୟକ୍ତିଗତ ତଥ୍ୟ ତଥା ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ସଂଗ୍ରହ କରି ଖେଳାଳୀଙ୍କୁ ଖେଳ ପ୍ରତି ଉତ୍ସାହିତ କରିଥାଏ। ଖେଳର ଆରମ୍ଭରୁ ଖେଳାଳୀ କିଛି ପରିମାଣର ଅର୍ଥ ଜିତି ସାରିବା ପରେ ଏହି ଆପ୍ ଖେଳାଳୀଙ୍କ ଠାରୁ ଟଙ୍କା ଆଦାୟରେ ଲାଗିଥାଏ। ଏହି ଖେଳରେ ଖେଳାଳୀମାନେ ଆରମ୍ଭରୁ କିଛି ଅର୍ଥ ରୋଜଗାର କରିଦେଇଥିବାରୁ ଲୋଭର ବଶବର୍ତ୍ତୀ ହୋଇ ଧାରକରଜ କରି ଏହି ବେଟିଂରେ ଟଙ୍କା ଲଗାଇ ବାରମ୍ବାର ହାର ମାନିବା ସହ ଶେଷରେ ନିଜର ସମସ୍ତ ଅର୍ଥ ଏହି ଖେଳ ମାଧ୍ୟମରେ ହରାଇଥିବାର ନଜରକୁ ଆସିଛି। ପ୍ରଶାସନ ଏ ଦିଗରେ ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



**ବଡମ୍ବା, ୨୩।୩(ସମିସ):** ବଡମ୍ବା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଗ୍ରାମର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ବାମଦେବ ମିଶ୍ର (୮୨)ଙ୍କ ପରଲୋକ ହୋଇଯାଇଛି। ଦୀର୍ଘ ଦିନ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ ଓ ସେ ଜଣେ ଅମାୟିକ ଭଦ୍ର ବ୍ୟକ୍ତି ଥିଲେ। ଖବର ପାଇ ଅଞ୍ଚଳର ଅନେକ ରାଜନେତା, ବୁଦ୍ଧିଜୀବି ପ୍ରମୁଖ ଶେଷ ଦର୍ଶନ ପାଇଁ ସ୍ୱର୍ଗତ ମିଶ୍ରଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ଦୁର୍ଗା ପ୍ରସାଦ ମିଶ୍ର ମୁଖାଗ୍ନି ଦେଇଥିଲେ।

## ବିଦ୍ୟାଳୟ ଶକ୍ତି କ୍ଲବ୍‌ର ବାର୍ଷିକ ଉତ୍ସବ



**ବଡମ୍ବା, ୨୩।୩(ସମିସ):** ବଡମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଶୁକ୍ରବାର ଦିନ ଶକ୍ତି କ୍ଲବ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ଶକ୍ତିର ଆବଶ୍ୟକତା, ଶକ୍ତି ସଂରକ୍ଷଣ ପାଇଁ ବିଭିନ୍ନ ପଦେକ୍ଷପ ଏବଂ ଭବିଷ୍ୟତ ପିଢ଼ିକୁ କିପରି ଶକ୍ତି ସଂକଟରୁ ବଞ୍ଚାଇବା ଆଦି ସମ୍ବନ୍ଧରେ ଉପାଦେୟ ତଥା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବିଷୟରେ ଅବଗତ କରାଇଥିଲେ। ଶିକ୍ଷୟିତ୍ରୀ ମୋନାଲିସା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଆଶୁତୋଷ ଜେନା ଏବଂ ଶିକ୍ଷୟିତ୍ରୀ ପ୍ରୀତି ପ୍ରିୟଦର୍ଶିନୀ ଶକ୍ତି ସଂରକ୍ଷଣ ବିଷୟରେ ଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ରଚନା, ତର୍କ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଓ କୃତି ଛାତ୍ରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

■ ତିଗିରିଆ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

## ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ତିଗିରିଆ, ୨୩।୩(ସମିସ):** ଚଳିତ ଆର୍ଥିକ ବର୍ଷ ପାଇଁ ତିଗିରିଆ ତହସିଲ ତଥା କୋର୍ଟରେ କାର୍ଯ୍ୟରତ ଆଇନଜୀବୀଙ୍କ କର୍ମକର୍ତ୍ତା ନିର୍ବାଚନର ସ୍ପଷ୍ଟ ଚିତ୍ର ଆଜି ପ୍ରସାରିତ ହୋଇଛି। ଚଳିତ ବର୍ଷ ତିଗିରିଆ ଓକିଲ ସଂଘର ସଭାପତି, ଉପସଭାପତି, ସମ୍ପାଦକ ଓ ସହସମ୍ପାଦକ ପଦ ପାଇଁ ଜଣେ ଜଣେ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ତନ୍ମୟ କୁମାର ମିଶ୍ରଙ୍କ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଚଳିତ ବର୍ଷ ପାଇଁ ତିଗିରିଆ ଓକିଲ ସଂଘର ସଭାପତି ରୂପେ ଆଇନଜୀବୀ ମଙ୍ଗଳକୃଷ୍ଣ ଦାସ, ଉପସଭାପତି ରୂପେ ରଘୁନାଥ ଦାଶ, ସମ୍ପାଦକ ରୂପେ ଚନ୍ଦ୍ରମଣୀ ପଣ୍ଡା, ସହ ସମ୍ପାଦକ ରୂପେ ଉଭା ପଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।



## ବିଶ୍ୱ ବନ ଦିବସ ପାଳିତ

ଟାଙ୍ଗୀ, ୨୩।୩(ସମିସ)

ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱନାହାକାଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଡାଳିଯୋଡା ବନଖଣ୍ଡ ଅଧିକାରୀ ଓ ବିଶ୍ୱନାହାକାଣୀ କଲେଜର ଇକୋ କ୍ଲବର ମିଳିତ ଆନୁକୂଲ୍ୟରେ ୫୪ତମ ବିଶ୍ୱ ବନ ଦିବସ ପାଳନ ହୋଇଯାଇଛି। ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଏସିଏଫ ଅନିଲ ରାୟ, ମୁଖ୍ୟବକ୍ତା ଭାବେ ବନ୍ୟଜନ୍ତୁ ସଂରକ୍ଷଣ ଅଧିକାରୀ ଅରବିନ୍ଦ ମାଝୀ, ସମ୍ମାନିତ ଅତିଥି ଭାବେ ଡାଲମିଆ ସିମେଣ୍ଟ କମ୍ପାନୀର ମାନବ ସମ୍ବଳ ମୁଖ୍ୟ ଅଜିତ୍ କୁମାର ପାଏରା ପ୍ରମୁଖ ଯୋଗଦାନ କରି ବନ ଓ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରି ମନୋନୀତ ହୋଇଥିବା ଅଢେଇଗୁଣ୍ଡି ସରପଞ୍ଚ ରଶ୍ମିତା ପଣ୍ଡାଙ୍କୁ କୋଡ଼ିଏ ହଜାର ଟଙ୍କାର ଅର୍ଥରାଶି ଓ କେଏମବିବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଜୁନି ସୁତାରଙ୍କୁ ଦଶ ହଜାର ଟଙ୍କାର ଅର୍ଥରାଶି ସହ ପ୍ରମାଣପତ୍ର ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ସମସ୍ତଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ବିଶ୍ୱନାହାକାଣୀ କଲେଜର ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନ ସଭା ପରିଚାଳନା କରିଥିବାବେଳେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ବିଶୋଇ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବନପାଳ, ବନରକ୍ଷୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।




## ଯୁବକଙ୍କ ବିୟୋଗରେ ମହମବତି ଶୋଭାଯାତ୍ରା

ତିଗିରିଆ, ୨୩।୩(ସମିସ)



ଗତ ୧୨ ତାରିଖରେ ଭୁବନେଶ୍ୱର ରହି ପାଠ ପଢୁଥିବା ତିଗିରିଆ ଥାନା ଅନ୍ତର୍ଗତ ହରିଡାପଶି ଗ୍ରାମର ଅର୍ଜୁନ ସାହୁ (୨୨) ଭୁବନେଶ୍ୱରରୁ ଅଚଳକୋଟ ଆସୁଥିବା ବେଳେ ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ତାଙ୍କର ଅକାଳ ବିୟୋଗ ତଥା ଅମର ଆତ୍ମାର ସଦ୍‌ଗତି ନେଇ ତାଙ୍କ ସହପାଠୀମାନଙ୍କ ପକ୍ଷରୁ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ଶନିବାର ହରିଡାପଶି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସହପାଠୀ ସୁମନ୍ତ କୁମାର ଜେନାଙ୍କ ନେତୃତ୍ୱରେ ବୁବୁ ଜେନା, ରାଜୁ ସାହୁ, ଶିବୁ ପରିଡ଼ା, ସମୀର ରାଉତ, ଅରୁଣ ରାଉତ, ରୁଦ୍ର ରଣା, ଶୁଭ ସାମନ୍ତରାୟ, ଟିଣ୍ଟୁ ରାଉତ, ସୁକାନ୍ତ ରାଉତ, ସୁଭଜିତ୍ ରାଉତ, ବିନୋଦ ଜେନା, ମନୋଜ ଖଟୁଆ, ପ୍ରଶାନ୍ତ ସାମଲ, ଚନ୍ଦନ ସ୍ୱାଇଁ, ବେଣୁ ଜେନା ପ୍ରମୁଖ ମଲ୍ଲୀକାନାଥ ଶିବମନ୍ଦିର ଠାରୁ ଏକ କ୍ୟାଣ୍ଡଲ ଶୋଭାଯାତ୍ରାରେ ବାହାରି ଦିବଂଗତ ଅର୍ଜୁନଙ୍କ ବାସଭବନକୁ ଯାଇ ସେଠାରେ ତାଙ୍କ ପରିବାରବର୍ଗଙ୍କୁ ଭେଟି ଶାନ୍ତ୍ୱନା ପ୍ରଦାନ କରିବା ସହ ନିଜ ନିଜର ପକେଟ ଖର୍ଚ୍ଚର ସଂଗ୍ରହ କରି ୧୬ ହଜାର ୨୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥଲେ। ଏଠାରେ ସୂଚନାଯୋଗ୍ୟ ଯେ, ଗତ ବର୍ଷ ମୃତ ଅର୍ଜୁନଙ୍କ ପିତା ପରଲୋକ ଗମନ କରିଥିବା ବେଳେ ତାଙ୍କ ପରିବାରବର୍ଗ ଅତି ଦୁସ୍ଥ ଜୀବନ କାଳାତିପାତ କରୁଛନ୍ତି।

## ମହମ୍ମଦପୁରରେ ବିଶ୍ୱଶାନ୍ତି ଯଜ୍ଞ

**ନିଶ୍ଚିନ୍ତକୋଇଲି, ୨୩।୩(ସମିସ):** ମହମ୍ମଦପୁର ଗ୍ରାମର ଆରାଧ୍ୟ ଦେବୀ ମା' କିର୍ତ୍ତୀଜାରୀ ଠାକୁରାଣୀଙ୍କ ପୀଠସ୍ଥଳୀରେ ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହା ୫ ଦିନ ଧରି ଅନୁଷ୍ଠିତ ହେବ। ଗତ ଶୁକ୍ରବାର ଦିନ ଯଜ୍ଞର ଅଙ୍କୁରାରୋପଣ କରାଯାଇଥିଲା ବେଳେ ଶନିବାର ସକାଳେ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀରୁ ଜଳ ଉତ୍ତୋଳନ କରାଯାଇ କଳସ ଯାତ୍ରାରେ ୧୦୮ ଭକ୍ତମାନେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଏହାପରେ ଅଗ୍ନିସ୍ଥାପନ ଓ ଯଜ୍ଞର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ସତ୍ୟାନନ୍ଦ ଶତପଥୀ ଏବଂ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ପ୍ରତ୍ୟହ ଯଜ୍ଞ କାର୍ଯ୍ୟ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ବାରିକ ଏବଂ ତାଙ୍କ ଧର୍ମ ପତ୍ନୀ ସ୍ୱର୍ଣ୍ଣଲତା ବାରିକ କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାମଲୀଳା, ଭଜନ ସନ୍ଧ୍ୟା କରାଯାଇଥିବା ବେଳେ ଶରଣାବିନ୍ଦ ଓଝା ଓ ସାଥିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ପ୍ରତିଭା ବେହେରା ଓ ପୂର୍ବତନ ସରପଞ୍ଚ ସରୋଜ କୁମାର ବେହେରାଙ୍କର ତତ୍ତ୍ୱବଧାନରେ ଯଜ୍ଞ କମିଟିର ସମସ୍ତ କର୍ମକର୍ତ୍ତା, ଯୁବ ଗୋଷ୍ଠୀ ଓ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଦିନ ଯଜ୍ଞର ପୂର୍ଣ୍ଣାହୂତି ହେବ ବୋଲି ଯଜ୍ଞ କମିଟି ପକ୍ଷରୁ ପ୍ରକାଶ କରିଛନ୍ତି।

# ସଂସ୍କୃତି ଓ ପରମ୍ପରା ବହନ କରେ ବ୍ରହ୍ମକ୍ଷେତ୍ର ମେଳଣ

ନିଶ୍ଚିନ୍ତକୋଇଲି, ୨୩।୩(ସମିସ)

**୪୦ ବିମାନକୁ ନେଇ ଦେବସଭା ଓ ଅବିର ଖେଳ**

ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନୀପୁର ବ୍ରହ୍ମକ୍ଷେତ୍ର ପୀଠରେ ଫାଲଗୁନ୍ ଶୁକ୍ଲ ତ୍ରୟୋଦଶୀ ତିଥିରେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପ୍ରସିଦ୍ଧ ଦୋଳ ମେଳଣ ଅନୁଷ୍ଠିତ ହୋଇଛି। ପ୍ରଥମେ ଗାଦିଶ୍ୱର ଭାବେ ଶ୍ରୀ ବଳଦେବଜୀଉଙ୍କର ବିମାନ ମେଳଣ ମଣ୍ଡପରେ ଅଧିଷ୍ଠିତ ହେବା ପରେ କ୍ରମାନ୍ୱୟରେ ଅନ୍ୟ ବିମାନ ଗୁଡ଼ିକ ନିଜ ନିଜ ମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ସମସ୍ତ ବିମାନର ମାଲିକମାନଙ୍କୁ ନେଇ ଏକ ଦେବସଭା ଅନୁଷ୍ଠିତ ହୋଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରାଙ୍କ ପୌରୋହିତ୍ୟରେ ଏଥିରେ ବୋର୍ଡର ସଭ୍ୟ ଚୌଧୁରୀ ଅଜୟ କୁମାର ନନ୍ଦ, ରାଜେନ୍ଦ୍ରମୋହନ କର, ପ୍ରଧାନ ତ୍ରିଲୋଚନ ରାଉତ, ବିରଞ୍ଚି ନାରାୟଣ ମିଶ୍ର, ପ୍ରଫୁଲ୍ଲ ନନ୍ଦ, ଶୁକଦେବ ଦାସ, ବୀରବର ସାହୁ, ରବିନାରାୟଣ ସାହୁ, ଅଚ୍ୟୁତାନନ୍ଦ ମିଶ୍ର, ଦେବପ୍ରସାଦ କର, ଶରତଚନ୍ଦ୍ର ଶତପଥୀ, ଅଜୟ ଚୌଧୁରୀ, ଚୌଧୁରୀ ସୁରେଶ ଚନ୍ଦ୍ର ନନ୍ଦ, ରଶ୍ମିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ପୌରାଣିକ ରୀତିରେ ଓଡ଼ିଆର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ଅବସରରେ ଭାଇଚାରା ଭାବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଗାଦି ମାଲିକମାନେ ପରସ୍ପରଙ୍କ ମଧ୍ୟରେ ଅବିର ଖେଳ କରିଥିଲେ। ଏହାପରେ ଶ୍ରୀ ଜୀଉଙ୍କର କୁଳ ପୁରୋହିତ ବନବିହାରୀ ମିଶ୍ରଙ୍କ ତତ୍ତ୍ୱବଧାନରେ ପ୍ରତ୍ୟେକ ବିମାନରେ ଅଧିଷ୍ଠିତ ହୋଇଥିବା ରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ନୂତନ ବସ୍ତ୍ର ପ୍ରଦାନ ସହିତ ଧୂପ, ଦୀପ ଓ ଆଳତୀ କରାଯାଇଥିଲା। ପରମ୍ପରା ଅନୁସାରେ ପ୍ରତ୍ୟେକ ଗାଦିଙ୍କୁ ମାଟି ହାଣ୍ଡି ଭୋଗ ଅର୍ପଣ କରାଯାଇଥିଲା। ଏହି ମେଳଣରେ ବିଭିନ୍ନ ଦିଗରୁ ବିମାନମାନେ ଆଲୋକ ସଜ୍ଜା, ପାରମ୍ପାରିକ ବାଦ୍ୟ, ଘଣ୍ଟ ଘଣ୍ଟା ବଜାଇ ଶୋଭାଯାତ୍ରାରେ ମେଳଣ ମଣ୍ଡପକୁ ଆସିଥିଲେ। ମେଳଣ ପଡ଼ିଆ ଚତୁଃପାର୍ଶ୍ୱରେ ବ୍ୟବସାୟୀମାନେ ବିଭିନ୍ନ ପ୍ରକାର ଦୋକାନ ଖୋଲିଥିଲେ। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ଏହି ମେଳଣ ଦେଖିବା ପାଇଁ ଯୋଗଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଶେଷରେ ଶ୍ରୀ ବଳଦେବଜୀଉ ପ୍ରତ୍ୟେକ ବିମାନକୁ ମେଳଣ ପଡ଼ିଆରୁ ମେଲାଣି ଦେଇଥିଲେ।





